ବର୍ଷ-୨୫, ସଂଖ୍ୟା-୧୨୮
ଭୁବନେଶ୍ୱର
୧୧, ମଇ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 128
Bhubaneswar
11,May, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ବିଶ୍ୱାସଘାତକ ପାକିସ୍ତାନ

ନୂଆଦିଲ୍ଲୀ, ୧୦।୫(ମହାଭାରତ): ଭାରତ-ପାକିସ୍ତାନ ଅସ୍ତ୍ରବିରତି ଘୋଷଣା କରିବାର ମାତ୍ର ୩ ଘଣ୍ଟାରୁ କମ୍ ସମୟ ମଧ୍ୟରେ ପାକ୍ ସେନା ଏହାର ଘୋର ଉଲ୍ଲଂଘନ କରି ଜଟିଳ ସ୍ଥିତି ସୃଷ୍ଟି କରିଛି। ପାକିସ୍ତାନର ଏଭଳି ଆଭିମୁଖ୍ୟକୁ ଭାରତ କଡ଼ା ସମାଲୋଚନା କରିଛି ଏବଂ ଅସ୍ତ୍ରବିରତି ବୁଝାମଣାର ଏଭଳି ଉଲ୍ଲଂଘନ ପାଇଁ ପାକିସ୍ତାନକୁ ପରିଣାମ ଭୋଗିବାକୁ ହେବନାହିଁ ଏବଂ ଅସ୍ତ୍ରବିରତି ଉଲ୍ଲଂଘନର ଅତି କଠୋର ଜବାବ ମିଳିବ ବୋଲି ମିସ୍ରି ସ୍ପଷ୍ଟ କରିଛନ୍ତି।


ପାକ୍ ସେନା ଟାର୍ଗେଟ୍ କରୁଥିବା ସୀମାବର୍ତ୍ତୀ ରାଜ୍ୟଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରାଯିବା ସହ ବ୍ୟାପକ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି ଜମ୍ମୁ-କାଶ୍ମୀର, ରାଜସ୍ଥାନ, ଗୁଜରାଟ ଓ ପଞ୍ଜାବର ବିଭିନ୍ନ ଅଞ୍ଚଳରେ ତୁହାକୁ ତୁହା ଡ୍ରୋନ୍

## ଅସ୍ତ୍ରବିରତି ଉଲ୍ଲଂଘନ

### ପଞ୍ଜାବ, ରାଜସ୍ଥାନ, ଜମ୍ମୁ, ଶ୍ରୀନଗର ଉପରେ ଗୁଳି, ଡ୍ରୋନ୍‌ମାଡ଼

ପଡ଼ିବ ବୋଲି ବିଦେଶ ସଚିବ ବିକ୍ରମ ମିସ୍ରି ଚେତାଇ ଦେଇଛନ୍ତି। ପାକିସ୍ତାନ ପଟୁ ଯେ କେଣସି ଆକ୍ରମଣ ଓ ଉଲ୍ଲଂଘନର କଡ଼ା ଜବାବ ଦେବାକୁ ସେନାକୁ ନିର୍ଦ୍ଦେଶ ଦିଆଯାଇଛି।ଯୁଦ୍ଧ ଉତ୍ତେଜନା ହ୍ରାସ ଦିଗରେ ହୋଇଥିବା ମିଳିତ ପ୍ରୟାସକୁ ପାକିସ୍ତାନର ପଦକ୍ଷେପ ଭଣ୍ଡୁର କରିଥିବାରୁ ଭାରତ ଏହାକୁ ଗମ୍ଭୀରତାର ସହ ନେଇଛି । ସୁରକ୍ଷାକୁ ନେଇ କେଣସି ସାଲିସ ଆକ୍ରମଣ ହୋଇଛି।ପାକିସ୍ତାନ ଅନ୍ତର୍ଜାତୀୟ ସୀମା ଏବଂ ନିୟନ୍ତ୍ରଣ ରେଖା ଅଞ୍ଚଳରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଗୁଳିଗୋଳା ବର୍ଷା ଜାରି ରଖିଛି ଏହା ପରେ ସରକାର ବିଏସ୍ଏଫ୍ (ସୀମା ସୁରକ୍ଷା ବାହିନୀ)କୁ ପୂର୍ଣ୍ଣ କ୍ଷମତାର ସହ ମୁକାବିଲା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଅସ୍ତ୍ରବିରତି ଉଲ୍ଲଂଘନର ମାତ୍ର କିଛି ଘଣ୍ଟା ମଧ୍ୟରେ ଶ୍ରୀନଗରରେ



ପାକିସ୍ତାନ ଡ୍ରୋନ୍ ଆକ୍ରମଣ ଉଦ୍ୟମ କରିଥିଲା। ତେବେ ପାକିସ୍ତାନୀ ଡ୍ରୋନ୍‌କୁ ଭାରତର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଖସାଇ ଦେଇଛି। ଶ୍ରୀନଗରରେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଛି ।ସେହିପରି କାଶ୍ମୀରର ବାରମୂଳା ଏବଂ ରାଜସ୍ଥାନର ପୋଖରାନରେ ମଧ୍ୟ ପାକିସ୍ତାନ ଡ୍ରୋନ୍ ଆକ୍ରମଣ ଉଦ୍ୟମ କରିଥିବାବେଳେ ଭାରତ ଏହାକୁ ପଣ୍ଡ କରିଛି ପାକିସ୍ତାନ ସେନା ଅଖନୁର, ରାଜେରୀ ଏବଂ ଆର୍‌ଏସ୍ ପୁରା ସେକ୍ଟରର ଅନ୍ତର୍ଜାତୀୟ ସୀମା ନିକଟରେ ପ୍ରବଳ ଗୋଳାମାଡ଼ କରିଛି ବେଷ୍ଣୋଦେବୀ ମନ୍ଦିର ଉପରେ ଆକ୍ରମଣ ଆଶଙ୍କା ଥିବାରୁ ଜମ୍ମୁର କଟରାରେ ବ୍ଲାକ୍‌ଆଉଟ୍ ଘୋଷିତ ହୋଇଛି।

ବାରମୂଳାରେ ଏକ ଡ୍ରୋନ୍ ଖସାଯାଇଛି ଏବଂ ଏକ ସନ୍ଦିଗ୍ଧ ୟୁଏଭି (ମାନବବିହୀନ ଉଡ଼ନ୍ତା ଯାନ) ଚିହ୍ନଟ ହୋଇଛି । ବାରମୂଳା ଏବଂ ଶ୍ରୀନଗରରେ ପୁଣିଥରେ ବ୍ଲାକ୍‌ଆଉଟ୍ ଜାରି ହୋଇଛି । ରାଜେରୀରେ ମଧ୍ୟ ଡ୍ରୋନ୍ ଠାବ ହୋଇଛି ଏବଂ ସାମ୍ବା ଜିଲ୍ଲାରେ ଏୟାର ରେଡ୍ ସାଇରନ୍ ବାଜିଛି। ରାଜସ୍ଥାନର ପୋଖରାନରେ ପାକିସ୍ତାନ ଡ୍ରୋନ୍ ଆକ୍ରମଣ ଉଦ୍ୟମ କରିଥିବା ବେଳେ ପଞ୍ଜାବର ପଠାନକୋଟ, ଗୁରୁଦାସପୁର, ଫଜିଲକା, ହୋସିଆରପୁର, ଫିରୋଜପୁରରେ ପୁଣି ବ୍ଲାକ୍‌ଆଉଟ୍ ଜାରି ହୋଇଛି। ପଞ୍ଜାବର ଭଟିଣ୍ଡାରେ ଏୟାର ରେଡ୍ ଆଲର୍ଟ ଜାରି ହୋଇଛି ଗୁଜରାଟର କଚ୍ଛରେ ମଧ୍ୟ ଡ୍ରୋନ୍ ଆକ୍ରମଣ ହୋଇଥିବା ଖବର ମିଳିଛି। ଆଜି ସକାଳେ ପାକିସ୍ତାନ ପଟୁ ଜମ୍ମୁରେ ପ୍ରବଳ ଗୋଳାମାଡ଼ ଯୋଗୁଁ ରାଜୌରୀ ସେକ୍ଟରରେ ବିସ୍ଫୋରକ ସ୍ଥିତି ଦେଖିବାକୁ ମିଳିଥିଲା ।ଏଡିସି (ଅତିରିକ୍ତ ଜିଲ୍ଲା ବିକାଶ କମିସନର) ରାଜ୍ କୁମାର ଥାପାଙ୍କ ଗୋଳାମାଡ଼ରେ ମୃତ୍ୟୁ ହୋଇଯାଇଛି ।ଥାପାଙ୍କ ବାସଭବନରେ ଏକ ମୋର୍ଟାର୍ ମାଡ଼ ହେବା ଫଳରେ ଥାପା ଏବଂ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ସେମାନଙ୍କୁ ହସ୍ପିଟାଲ୍ ନିଆଯାଇଥିଲା। କିନ୍ତୁ ହସ୍ପିଟାଲ୍‌ରେ ଥାପାଙ୍କର ମୃତ୍ୟୁ ହୋଇଯାଇଛି ।ଅନ୍ୟ ୨ ଜଣ ଏବେ ଚିକିତ୍ସାଧୀନ ଅଛନ୍ତି।

ଅନ୍ୟପକ୍ଷେ ରାଜେରୀ ଶିକ୍ଷାଞ୍ଚଳରେ ପାକିସ୍ତାନର ମୋର୍ଟାର ମାଡ଼ ଯୋଗୁଁ ଆଜି ସକାଳେ ବିହାରର ଜଣେ ୨ ବର୍ଷୀୟା ଶିଶୁ ଆଏଶା ନୁର୍ ଏବଂ ୩୫ ବର୍ଷୀୟ ମହମ୍ମଦ ସୋହିବଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୩ ଜଣ ମଧ୍ୟ ଆହତ ହୋଇଛନ୍ତି। ପୁଞ୍ଚ ମେଣ୍ଢରରେ ରସିଦା. ବି (୬୨)ଙ୍କର ଆଜି ସକାଳେ ପାକ୍ ଗୋଳାମାଡ଼ରେ ମୃତ୍ୟୁ ହୋଇଛି। ବିଦୁପର ଜାଟ୍ଟା ଗ୍ରାମରେ ଅଶୋକ କୁମାର ନାମକ ଜଣେ ବ୍ୟକ୍ତିଙ୍କର ଗୁଳିମାଡ଼ ଯୋଗୁଁ ମତ୍ୟୁ ହୋଇଛି। ସେହିପରି ଆରଏସ୍ ପୁରା ଅଞ୍ଚଳରେ ପାକିସ୍ତାନର ମୋର୍ଟାରମାଡ଼ ଯୋଗୁଁ ଜଣେ ବିଏସ୍ଏଫ୍ ଯବାନ ସହିଦ ହୋଇଛନ୍ତି ଏବଂ ୭ ଜଣ ଯବାନ ଆହତ ହୋଇଛନ୍ତି। ସହିଦ ଯବାନଙ୍କ ନାଁ ମହମ୍ମଦ ଇମ୍‌ତେୟାଜ। ଅନ୍ୟପକ୍ଷରେ ଉଧମପୁର ଏୟାରବେସ୍‌ରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ସହକାରୀ ମେଡିକାଲ ସର୍ଜେଣ୍ଟ ସୁରେନ୍ଦ୍ର କୁମାର (୩୬) ଆଜି ସକାଳେ ପାକିସ୍ତାନର ଏୟାର୍ ଷ୍ଟ୍ରାଇକ୍‌ରେ ସହିଦ ହୋଇଛନ୍ତି। ସେ ରାଜସ୍ଥାନର ଝୁନ୍‌ଝୁନୁର ମନ୍ଦାର ବାସିନ୍ଦା ସୁରେନ୍ଦ୍ର କୁମାର । ଉଧମପୁର ଏୟାର୍‌ବେସ୍‌ରେ ବାୟୁସେନାର ୩୯ତମ ଶାଖାରେ ଅବସ୍ଥାପିତ ଥିଲେ ପୂର୍ବରୁ ସେ ଲକ୍ଷ୍ନୌରେ ଅବସ୍ଥାପିତ ଥିଲେ ଏବଂ ଦୁଇ ମାସ ତଳେ ତାଙ୍କୁ ଉଧମପୁର ବଦଳି କରାଯାଇଥିଲା।

### ପାକ୍‌ର ଦାବି ଚୀନ ଆମ ସହ ଅଛି

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣାର କିଛି ଘଣ୍ଟା ମଧ୍ୟରେ ପାକିସ୍ତାନ ଏହାକୁ ଉଲ୍ଲଂଘନ କରିଛି। ଏପଟେ ପାକିସ୍ତାନ ବିଦେଶ ମନ୍ତ୍ରୀ ଇଶାକ୍ ଦାର୍ ଚୀନର ବିଦେଶ ମନ୍ତ୍ରୀ ୱାଙ୍ଗ ୟିଙ୍କ ସହିତ ଯୋଗାଯୋଗରେ ଥିବା କହିଛନ୍ତି ପାକିସ୍ତାନ ସହିତ ଚୀନ ଦୃଢ଼ଭାବେ ରହିଥିବା ନେଇ ୱାଙ୍ଗ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପାକ୍ ବିଦେଶ ମନ୍ତ୍ରାଳୟ ପକ୍ଷରୁ ଜାରି ବିବୃତିରେ ଏହା କୁହାଯାଇଛି ଦୁଇ ନେତା ପରସ୍ପର ମଧ୍ୟରେ ନିବିଡ଼ ଯୋଗାଯୋଗ ଉପରେ ଗୁରୁତ୍ୱ ଦେଇଥିଲେ।

## ଆତଙ୍କୀ କାର୍ଯ୍ୟକଳାପ କଲେ ଯୁଦ୍ଧ !

ନୂଆଦିଲ୍ଲୀ, ୧୦।୫(ମହାଭାରତ): ପାକିସ୍ତାନ ସହ ବିବାଦ ଚରମସୀମାରେ ପହଞ୍ଚିଥିବା ବେଳେ ଆତଙ୍କବାଦ ଓ ଆତଙ୍କୀ କାର୍ଯ୍ୟକଳାପ ସମ୍ପର୍କରେ ବଡ଼ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ଏଣିକି ଭାରତ ବିରୋଧରେ ଯେକୌଣସି ଆତଙ୍କବାଦ କାର୍ଯ୍ୟକଳାକୁ ଯୁଦ୍ଧ ଭାବେ ବିବେଚନା କରାଯିବ। ଆତଙ୍କୀ କାର୍ଯ୍ୟକଳାପ ଭାରତ ବିରୋଧରେ ଏକ ପ୍ରକାରର ଯୁଦ୍ଧ ଭାବେ ଗଣାଯିବ। ଏହାର ଜବାବ ମଧ୍ୟ ସେହି ଅନୁସାରେ ହେବ। ଏହାର ଜବାବରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭାରତ ସରକାର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।ଭାରତର ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ଏବେ ଠାରୁ ଆତଙ୍କବାଦ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ। ଭବିଷ୍ୟତରେ ଯେକୌଣସି ଆତଙ୍କବାଦ ଗତିବିଧିକୁ ଭାରତ ବିରୋଧରେ ଯୁଦ୍ଧ ବୋଲି ବିବେଚନା କରାଯିବ। ଏହାର ଜବାବ ସେହି ଅନୁସାରେ ଦିଆଯିବ। ଭାରତରେ ବୋମା ବିସ୍ଫୋରଣ, ଗୁଳି ମାଡ଼, ବିମାନ ଅପହରଣ, ସାଇବର ଆଟାକ ଓ କେମିକାଲ ଆଟାକ ଆଦି ଆତଙ୍କବାଦ ଯୁଦ୍ଧ ବୋଲି ଧରାଯିବ। ସରକାରୀ ପ୍ରତିଷ୍ଠାନ, ସାମରିକ କ୍ୟାମ୍ପ ଓ ଅନୁଷ୍ଠାନକୁ ଆକ୍ରମଣ ଆଦି ମଧ୍ୟ ଆତଙ୍କବାଦ କାର୍ଯ୍ୟକଳାପ ଶ୍ରେଣୀରେ ଆସିବ।

## ଅସ୍ତ୍ରବିରତି ପାଇଁ ରାଜିହେଲେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ, ୧୦।୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଥିଲେ ଯେ ଭାରତ ଏବଂ ପାକିସ୍ତାନ ସୀମାରେ ତୁରନ୍ତ ଯୁଦ୍ଧବିରତି ପାଇଁ ଉଭୟ ଦେଶ ରାଜି ହୋଇଛନ୍ତି। ଏହା ପରେ, ପ୍ରଶ୍ନ ଉଠିଲା ଯେ ଗତ ୪୮ ଘଣ୍ଟା ମଧ୍ୟରେ ଉଭୟ ପକ୍ଷର ଡ୍ରୋନ

### ୧୨ରେ ଦୁଇ ଦେଶର ଡିଜିଏମ୍‌ଓ ଆଲୋଚନା

ଏବଂ ବିମାନ ଆକ୍ରମଣ ହଠାତ କାହିଁକି ବନ୍ଦ ହୋଇଗଲା ? ଏହା ପଛରେ ଥିବା କାହାଣୀକୁ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏକ୍ସରେ ବ୍ୟାଖ୍ୟା କରିଛନ୍ତି। ରୁବିଓ କହିଛନ୍ତି, 'ଗତ ୪୮ ଘଣ୍ଟା ମଧ୍ୟରେ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଶାହବାଜ ସରିଫ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିର ଏବଂ ଅସୀମ ମାଲିକଙ୍କ ସମେତ ବରିଷ୍ଠ ଭାରତୀୟ ଏବଂ ପାକିସ୍ତାନୀ ଅଧିକାରୀଙ୍କ ସହ କଥା



ହୋଇଥିଲୁ।'

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି, 'ମୁଁ ଘୋଷଣା କରି ଖୁସି ଅନୁଭବ କରିଥିଲି ଯେ ଭାରତ ଏବଂ ପାକିସ୍ତାନ ସରକାର ତୁରନ୍ତ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି ଏବଂ ଏକ ନିରପେକ୍ଷ ସ୍ଥାନରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରିବାକୁ ରାଜି ହୋଇଛନ୍ତି।' ଶାନ୍ତିର ପଥ ବାଛିବାରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ସରିଫଙ୍କ ଜ୍ଞାନ, ବିଚକ୍ଷଣତା ଏବଂ ରାଜନୈତିକ ପରିପକ୍ୱତାକୁ ଆମେ ପ୍ରଶଂସା କରୁଛୁ।

ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ବୈଦେଶିକ ସଚିବ ବିକ୍ରମ ମିଶ୍ର କହିଛନ୍ତି ଯେ ପାକିସ୍ତାନର ସାମରିକ ଅଭିଯାନ ମହାନିର୍ଦ୍ଦେଶକ (ଡିଜିଏମଓ) ଆଜି ଅପରାହ୍ନ ୩.୩୫ ରେ ଭାରତୀୟ ଡିଜିଏମଓଙ୍କୁ ଫୋନ କରିଥିଲେ। ସେମାନଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା ଯେ ଉଭୟ ପକ୍ଷ ଭାରତୀୟ ମାନକ ସମୟ ସାଢ଼େ ୫ଟାରୁ ସ୍ଥଳ, ଆକାଶ ଏବଂ ସମୁଦ୍ରରେ ସମସ୍ତ ଗୁଳିମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବେ। ଶନିବାର ଉଭୟ ପକ୍ଷଙ୍କୁ ଏହି ଚୁକ୍ତିନାମା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାମରିକ ଅଭିଯାନର ମହାନିର୍ଦ୍ଦେଶକ ୧୨ ମଇ ଦିନ ୧୨.୦୦ ଟାରେ ପୁଣି ଥରେ ଭାଷଣ ଦେବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଭାରତର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପରେ, ପାକିସ୍ତାନ ଯୁଦ୍ଧବିରତି ଦାବି କରିବା ଆରମ୍ଭ କଲା। ଏହାର ଡିଜିଏମଓ ଭାରତୀୟ ପ୍ରତିପକ୍ଷଙ୍କ ସହ କଥା ହୋଇଥିଲେ। ଦୁଇ ପକ୍ଷ ମଧ୍ୟରେ ଆଲୋଚନା ପରେ, ଶନିବାର ସନ୍ଧ୍ୟା ୫ଟାରୁ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ଘୋଷଣା ହୋଇଥିଲାୟ ସେହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ''ସମ୍ପୂର୍ଣ୍ଣ ଏବଂ ତୁରନ୍ତ ଯୁଦ୍ଧବିରତି' ଉପରେ ସହମତ ହୋଇଛନ୍ତି। ସେ କହିଛନ୍ତି ଯେ ଆମେରିକାର ମଧ୍ୟସ୍ଥତାରେ ବିଳମ୍ବିତ ରାତିର ଆଲୋଚନା ପରେ ଏହି ଚୁକ୍ତି ସମ୍ଭବ ହୋଇପାରିଛି। ଟ୍ରମ୍ପ ଟ୍ୱିଟରରେ ଲେଖିଛନ୍ତି -'ଭାରତ ଏବଂ ପାକିସ୍ତାନ ସାଧାରଣ ଜ୍ଞାନ ଏବଂ ଉଲ୍ଲେଖନୀୟ ବୁଦ୍ଧିମତା ପ୍ରଦର୍ଶନ କରିଛନ୍ତି। ' ଉଭୟ ଦେଶକୁ ଅଭିନନ୍ଦନ।

## ଆଜି ପରାକ୍ରମ ଶୋଭାଯାତ୍ରା

ଭୁବନେଶ୍ୱର, ୧୦।୫(ମହାଭାରତ): ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଅପରେସନ୍ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମକୁ ସମ୍ମାନ ଜଣାଇବା ନିମନ୍ତେ ଆସନ୍ତାକାଲି ଏକ ପରାକ୍ରମ ଶୋଭାଯାତ୍ରାର ଆୟୋଜନ କରାଯାଉଛି। ଏହି ଶୋଭାଯାତ୍ରା କଳିଙ୍ଗ ଷ୍ଟାଡିୟମ୍ ଠାରୁ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିବେ। ଉକ୍ତ କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି।

## ଆଇପିଏସ, ଜିଲାପାଳ ଓ ଆରଡିସିଙ୍କ ଛୁଟି ବାତିଲ

**ଭୁବନେଶ୍ୱର, ୧୦।୫(ମହାଭାରତ):**ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ଆଇପିଏସ, ଜିଲ୍ଲାପାଳ ଓ ଆରଡିସିଙ୍କ ଛୁଟି ବାତିଲ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

କୌଣସି ଆଇପିଏସ୍ ଅଫିସର ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏଥିସହିତ ଛୁଟିଲେ ଥିଲେ ତୁରନ୍ତ ଆସି କାର୍ଯ୍ୟରେ ଯୋଗ ଦେବାକୁ ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଟ୍ରେନିଂରେ ଥିଲେ ବି ଯୋଗଦେବାକୁ ନିର୍ଦ୍ଦେଶ ରହିଛି। ଏନେଇ ଓଡ଼ିଶା ପୋଲିସ ଡିଜିଙ୍କୁ ଗୃହ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। କୌଣସି ଆଇପିଏସ୍ ଅଫିସରଙ୍କୁ ଛୁଟି ଦିଆନାହିଁ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଭାରତ-ପାକିସ୍ତାନ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି।

ସେହିପରି ସମସ୍ତ ଜିଲାପାଳ ଏବଂ ଆରଡିସିଙ୍କ ଛୁଟି ବାତିଲ କରିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ଏହି ସମୟରେ ମଧ୍ୟରେ କାହାରିକୁ ଛୁଟି ଦିଆଯିବ ନାହିଁ। ଯେଉଁମାନେ ବି ଛୁଟିରେ ଅଛନ୍ତି, ସେମାନେ ଶୀଘ୍ର ଆସି କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ରାଜ୍ୟର କେତେକ ପ୍ରମୁଖ ସ୍ଥାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଉପକୂଳବର୍ତ୍ତୀ ଅଂଚଳ ସମେତ ପ୍ରତିରକ୍ଷା ପ୍ରତିଷ୍ଠାନ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରାଯିବା ସହ ଡ୍ରୋନ ଗତିବିଧି ନିରୀକ୍ଷଣ ପାଇଁ କଡ଼ା ନିୟମ ଲାଗୁ ହୋଇଛି ।

## ରାଜଧାନୀରେ ଗୁଳିମାଡ

**ଭୁବନେଶ୍ୱର, ୧୦।୫ (ମହାଭାରତ) :** ରାଜଧାନୀର ଏକ ବାରର ଜଣେ ବାଉନସରଙ୍କୁ ଗୁଳିମାଡ଼ ହୋଇଥିବାର ଖବର ମିଳିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି ପୁଲିସ। ଭୋର୍ ୪ଟା ସମୟରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକ ନିକଟରେ ଥିବା କସମୋପଲିସ ବାରରେ ବିଲ୍ ପେଠକୁ ନେଇ ଜଣେ ଦୁର୍ବୃତ୍ତ ବାରର ଜଣେ ବାଉନସରଙ୍କୁ ୫ ରାଉଣ୍ଡ ଗୁଳିମାଡ଼ କରିଥିଲା। ଏହାପରେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି। ଫେରାର ଅଭିଯୁକ୍ତ ଶିବ ପାତ୍ର ବୋଲି କୁହାଯାଉଛି। ଏଣେଘଟଣା ସଂପର୍କରେ ଖବର ପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଉନସରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତିକରିଥିଲା। ପୁଲିସ ଅଭିଯୁକ୍ତକୁ ଖୋଜିବା ସହ ଘଟଣାର ତଦନ୍ତ କରୁଛି।

## ସଅଳ ଆସିବ ମୌସୁମୀ

ଭୁବନେଶ୍ୱର, ୧୦।୫(ମହାଭାରତ): ଏଥର ସଅଳ ଆସିବ ମୌସୁମୀ ଗତ ବର୍ଷ ମଇ ୩୦ ତାରିଖରେ ମୌସୁମୀ ବାୟୁ କେରଳ ଛୁଇଁଥିଲା ହେଲେ ୨୦୨୫ରେ ମଇ ୨୭ ତାରିଖ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦେଶର ମୁଖ୍ୟ ଭୂଖଣ୍ଡ କେରଳ ନିକଟରେ ଛୁଇଁବା ସମ୍ଭାବନା ରହିଛି। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ ପଶ୍ଚିମ ମେସୁମୀ ବାୟୁ କେରଳ ଛୁଇଁବାକୁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଆସନ୍ତା ମେ ୨୭ ବେଳକୁ ମୌସୁମୀ ଭାରତ ଭୂଖଣ୍ଡରେ ପ୍ରବେଶ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି।

ଏଥିସହ ଚଳିତ ମେସୁମୀ ଋତୁରେ ସାରା ଦେଶରେ ସ୍ୱାଭାବିକ ବର୍ଷା ହେବା ନେଇ ଆକଳନ କରାଯାଇଛି। ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମେସୁମୀ ବାୟୁ ଠିକ୍ ସମୟରେ ଓଡ଼ିଶା ଛୁଇଁବ। ସ୍ୱାଭାବିକ ବର୍ଷା ମଧ୍ୟ ହେବ। ସମୁଦ୍ର ଓ ବାୟୁମଣ୍ଡଳର ସ୍ଥିତିରୁ ବିଶ୍ୱର ପ୍ରମୁଖ ପାଣିପାଗ ସଂସ୍ଥାଗୁଡ଼ିକ ସଂଗ୍ରହ କରିଥିବା ତଥ୍ୟ ଅନୁଯାୟୀ ଏଭଳି ଆକଳନ କରାଯାଇଛି। ୨୦୦୫ରୁ ୨୦୨୪ ଯାଏ କେବଳ ଗୋଟିଏ ବର୍ଷ(୨୦୧୫)କୁ ବାଦ୍ ଦେଲେ ଅନ୍ୟ ସବୁଥରର ଆକଳନ ସଠିକ୍ ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ମିଛ ପ୍ରଚାର କରୁଥିଲା, ଧରିଲା ଭାରତ

ନୂଆଦିଲ୍ଲୀ, ୧୦।୫: ଆକ୍ରମଣର ଆଳରେ ଘୃଣ୍ୟ କାର୍ଯ୍ୟକଳାପ ଓ ମିଛ ପ୍ରଚାର କରୁଛି ପାକିସ୍ତାନ। ଯାହାର ପର୍ଦ୍ଦାଫାଶ କରିଛି ଭାରତ। ସାମ୍ବାଦିକ ସମ୍ମିଳନୀରେ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ କହିଛନ୍ତି, ଭାରତୀୟ ସଶସ୍ତ୍ର ବାହିନୀ କେବଳ ଚିହ୍ନଟ ସାମରିକ ଲକ୍ଷ୍ୟସ୍ଥଳ ଉପରେ ସଠିକ୍ ହମଲା କରିଥିଲା। ପାକିସ୍ତାନ ନିରନ୍ତର ମିଛ ସୂଚନା ପ୍ରଚାର କରିବାକୁ ଚେଷ୍ଟା କରିଛି। ଭାରତୀୟ ଏସ୍-୪୦୦ ସିଷ୍ଟମକୁ ନଷ୍ଟ କରିବା, ସୁରଟ ଏବଂ ସିରସାରେ ବାୟୁସେନା

### ପାକିସ୍ତାନର ୮ ସ୍ଥାନରେ ହୋଇଥିବା ଆକ୍ରମଣରେ ବ୍ୟାପକ କ୍ଷତି ହୋଇଛି

ଘାଟିକୁ ନଷ୍ଟ କରିବାର ମିଥ୍ୟା ଦାବି କରିଛି ପାକିସ୍ତାନ। ପାକିସ୍ତାନ ଦ୍ୱାରା ପ୍ରସାରିତ ଏହି ମିଥ୍ୟା ଦାବିଗୁଡ଼ିକୁ ଭାରତ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛି। ପାକିସ୍ତାନର ପ୍ରଚାର ଦାବିକୁ ପ୍ରତ୍ୟାଖ୍ୟାନ କରି, ଭାରତ କୌଣସି କ୍ଷତି ହୋଇନଥିବା ଭାରତୀୟ ବାୟୁସେନା ଘାଟିର ଫଟୋ ଦେଖାଇଛି।

'ଅପରେସନ୍ ସିନ୍ଦୂର' ଦ୍ୱାରା ଆତଙ୍କିତ ପାକିସ୍ତାନର କାପୁରୁଷୋଚିତ କାର୍ଯ୍ୟ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପୁଣି ଥରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। କର୍ଣ୍ଣେଲ ସୋଫିଆ କୁରେଶୀ ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ବୈଦେଶିକ ସଚିବ ବିକ୍ରମ ମିଶ୍ରଙ୍କ ସହିତ ପାକିସ୍ତାନର ଘୃଣ୍ୟ କାର୍ଯ୍ୟକଳାପର ପର୍ଦ୍ଦାଫାସ କରିଥିଲେ। ଏହି ସମୟରେ, ପାକିସ୍ତାନ କିପରି ଯାତ୍ରୀବାହୀ ବିମାନ ବାହାନାରେ ଘୃଣ୍ୟ କାର୍ଯ୍ୟକଳାପ କରିବାକୁ ଚେଷ୍ଟା କରୁଛି ଏବଂ ନିୟନ୍ତ୍ରଣ ରେଖାରେ ସାମରିକ ମୁତୟନ ବୃଦ୍ଧି କରି ପରିସ୍ଥିତିକୁ ଆହୁରି ଖରାପ କରିବାକୁ ଚେଷ୍ଟା କରୁଛି ତାହା କୁହାଯାଇଥିଲା।



ଗୁରୁବାର ଭଳି ଶୁକ୍ରବାର ମଧ୍ୟ ଭାରତର ପଶ୍ଚିମ ସୀମାନ୍ତରେ ଆକ୍ରମଣ କରିଛି ପାକିସ୍ତାନ।ଢ଼ ଜମ୍ମୁ ଠାରୁ ଗୁଜରାଟ ଯାଏ ପାକିସ୍ତାନ ପ୍ରାୟ ୨୬ଟି ସ୍ଥାନରେ ଯୁଦ୍ଧ ବିମାନ, ଦ୍ରୁତଗାମୀ ମିସାଇଲ ଓ ଡ୍ରୋନ ମାଡ଼ କରିଛି। ଭାରତ ଏହାର ଦୃ ଜବାବ ଦେଇଥିବା ବେଳେ କାଉଣ୍ଟର ଆଟାକ କରି ପାକସ୍ତାନ ବ୍ୟାପକ କ୍ଷତି ଘଟାଇଛି। ପାକିସ୍ତାନର ୮ଟି ସୈନ୍ୟ ଠିକଣାରେ ଭାରତ ଯୁଦ୍ଧ ବିମାନ ଦ୍ୱାରା ହମଲା କରିଥିବା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଅପରେସନ ସିନ୍ଦୂର ସମ୍ପର୍କରେ କର୍ଣ୍ଣେଲ ସୋଫିୟା କ୍ୟୁରେଶି କହିଛନ୍ତି, ପାକିସ୍ତାନ ସେନା ନିରବଚ୍ଛିନ୍ନ ଭାବେ ପଶ୍ଚିମ ସୀମାନ୍ତରେ ଆକ୍ରମଣ ଜାରି ରଖିଛି। ପାକିସ୍ତାନୀ ସେନା ଡ୍ରୋନ, ଦୂରଗାମୀ ଅସ୍ତ୍ର, ଆତ୍ମଘାତୀ ଲୁଅ। ଯୁଦ୍ଧାସ୍ତ୍ର ଓ ଯୁଦ୍ଧ ବିମାନ ଦ୍ୱାରା ଭାରତର ସାମରିକ ଘାଟିକୁ ଟାର୍ଗେଟ କରିଛି। ପାକିସ୍ତାନ ପଟୁ ଆସିଥିବା ଅଧିକାଂଶ ବିପଦକୁ ଭାରତ ଧ୍ୱଂସ କରି ନେଇଛି।

ଏଲଓସିରେ ମଧ୍ୟ ପାକିସ୍ତାନ ଡ୍ରୋନ ଓ ଗୁଳିମାଡ଼ କରିଛି। ଅନ୍ତର୍ଜାତୀୟ ସୀମା ଓ ଏଲଓସିରେ ପାକିସ୍ତାନ ଶ୍ରୀନଗର ଠାରୁ ନଲିଆ। ଯାଏ ୨୬ଟି ସୀମାରେ ଆକାଶ ପଥ ଉଲ୍ଲଙ୍ଘନ କରିଛି। ଭାରତୀୟ ସଶସ୍ତ୍ର ବଳ ଅଧିକାଂଶ ବିପଦକୁ ସଫଳତା ପୂର୍ବ ନିଷ୍କ୍ରିୟ କରିଛନ୍ତି। ତଥାପି ପାକିସ୍ତାନ ଆକ୍ରମଣରେ ଉଧମପୁର, ଭୁଜ, ପଠାନକୋଟ ଓ ଭାଠିଣ୍ଡାରେ ଥିବା ଏୟାର ବେସର କିଛି ଉପକରଣ ଓ କର୍ମଚାରୀ କ୍ଷତି ସହିଛନ୍ତି।

ପଞ୍ଜାବ ଏୟାର ବେସକୁ ଟାର୍ଗେଟ କରି ପାକିସ୍ତାନ ସେନା ରାତି ୧.୪୦ରେ ଦ୍ରୁତଗାମୀ ମିସାଇଲ ମଧ୍ୟ ମାଡ଼ କରିଥିଲା। ଏୟାର ବେସକୁ ଧ୍ୱଂସ କରିବା ପାକିସ୍ତାନ ସେନାର ଉଦ୍ଦେଶ୍ୟ ଥିଲା। ଗୋଟିଏ ନିନ୍ଦନୀୟ ଘଟଣାକ୍ରମରେ ପାକିସ୍ତାନ ସେନା ଶ୍ରୀନଗର, ଉଧମପୁର ଓ ଅବନ୍ତିପୁରାରେ ଥିବା ବାୟୁ ସେନା ଘାଟିର ଚିକିତ୍ସା କେନ୍ଦ୍ର ଓ ସ୍କୁଲକୁ ମଧ୍ୟ ଟାର୍ଗେଟ କରିଛି।

ପାକିସ୍ତାନ ପକ୍ଷରୁ ଭାରତର ସାମରିକ ଘାଟି ଓ ଜନବସିକୁ ଟାର୍ଗେଟ କରାଯାଇଥିବାରୁ ଭାରତ ପକ୍ଷରୁ ଏହା ତ୍ୱରିତ ଜବାବ ମଧ୍ୟ ଦିଆଯାଇଛି। ରଫିକ୍ୟୁ, ମୁରିଦ, ଚକଲାଲା, ରହିମ ୟାର ଖାନ, ସୁକୁର ଓ ଚୁନିୟାରେ ଥିବା ପାକିସ୍ତାନର ସୈନ୍ୟ ଠିକଣାରେ ଯୁଦ୍ଧ ବିମାନ ଦ୍ୱାରା ଆକ୍ରମଣ କରାଯାଇଛି। ପଶୁର ସ୍ଥିତ ରାଡାର ସାଇଟ ଓ ସିଆଲକୋଟ ସ୍ଥିତ ଆଭିଏସନ କେନ୍ଦ୍ରକୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ପାକିସ୍ତାନର ୮ଟି ସ୍ଥାନରେ ହୋଇଥିବା ଆକ୍ରମଣରେ ବ୍ୟାପକ କ୍ଷତି ହୋଇଛି। ପାକିସ୍ତାନ କ୍ରମାଗତ ଭାବେ ଉସକାଇବା ସହ ସ୍ଥିତିକୁ ଉତ୍ତେଜନାପୂର୍ଣ୍ଣ କରୁଛି। ପାକିସ୍ତାନ ପକ୍ଷରୁ ସୃଷ୍ଟି କରାଯାଉଥିବା ବିପଦର ଜବାବ ଭାରତ ବେଶ ମାପିଚୁପି ଓ ଦାୟିତ୍ୱବାନ ଦେଶ ଭାବେ ଦେଇଛି ।ପାକିସ୍ତାନକୁ ଜବାବ ଦେବାକୁ ଯାଇ ଭାରତୀୟ ସେନା ବେଶ ସନ୍ତର୍ପଣ ଢଙ୍ଗରେ ଇସଲାମାବାଦର ସାମରିକ ଠିକଣାକୁ ଟାର୍ଗେଟ କରିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନ ସେନା ସୋଶାଲ ମିଡିଆରେ ଭାରତର କ୍ଷୟକ୍ଷତି ନେଇ ନେଇ ଗୁଜବ ପ୍ରଚାର କରୁଛି, ତା'ର ପର୍ଦ୍ଦାଫାସ ମଧ୍ୟ ହୋଇଛି। ଭାରତର ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଠାରୁ ଆରମ୍ଭ କରି ସିର୍ସା ସ୍ଥିତ ଏୟାର ବେସ ସଂପୂର୍ଣ୍ଣ ଭାବେ ସୁରକ୍ଷିତ ରହିଛି। ସେହିପରି ବ୍ରହ୍ମୋସ ମିସାଇଲ କେନ୍ଦ୍ର ମଧ୍ୟ ସୁରକ୍ଷିତ ଥିବା ସରକାର ସ୍ପଷ୍ଟ କରିଛନ୍ତି।

# 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



## ଖବର

# ଦେବୋଲିନାଙ୍କ ଉପରେ ବର୍ଷିଲେ ପାକିସ୍ତାନୀ ୟୁଜର୍ସ, କହିଲେ, 'ମୁସଲମାନ ସ୍ୱାମୀଙ୍କୁ ଛାଡିଦିଅ'





୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ, ଭାରତୀୟ ସଶସ୍ତ୍ର ବାହିନୀ ମେ' ୭ରେ ଅପରେଶନ ସିନ୍ଦୂର ଅଧୀନରେ ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀରରେ ନଅଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଥିଲେ।ଏହି ଆକ୍ରମଣରେ ଅତି କମରେ ୧୭ ଜଣ ଆତଙ୍କବାଦୀ ନିହତ ହୋଇଥିଲେ ଏବଂ ପ୍ରାୟ ୬୦ ଜଣ ଆହତ ହୋଇଥିଲେ।ଭାରତୀୟ ସେନାର ଏହି କାର୍ଯ୍ୟାନୁଷ୍ଠାନରେ ସାରା ଦେଶ ଖୁସି ପ୍ରକାଶ କରୁଛି।ଅନେକ ସେଲିବ୍ରିଟି ଭାରତୀୟ ସଶସ୍ତ୍ର ବାହିନୀର ପ୍ରଶଂସା ମଧ କରିଛନ୍ତି। ଟେଲିଭିଜନ ଅଭିନେତ୍ରୀ ଦେବୋଲିନା ଭଟ୍ଟାଚାର୍ଯ୍ୟ ଢ (ପୂର୍ବରୁ ଟୁଇଟର) ରେ ଟୁଇଟ କରି ଭାରତୀୟ ସେନାକୁ ପୂର୍ଣ୍ଣ ସମର୍ଥନ କରୁଛନ୍ତି। ଏସବୁ ପରେ, ପାକିସ୍ତାନର ଜଣେ ସୋସିଆଲ ମିଡିଆ ୟୁଜର ମଧ ଅଭିନେତ୍ରୀଙ୍କ ଉପରେ ନିଜର କ୍ରୋଧ ପ୍ରକାଶ କରିଥିଲେ ଏବଂ ତାଙ୍କୁ ତାଙ୍କ ମୁସଲିମ ସ୍ୱାମୀଙ୍କୁ ଛାଡିବାକୁ ମଧ କହିଥିଲେ। ଏହା ଉପରେ ଟିଭିର ଗୋପୀ ବୋହୂ ମଧ ଏହି ପାକିସ୍ତାନୀ ୟୁଜରଙ୍କୁ ଉଚିତ ଜବାବ ଦେଇଛନ୍ତି।ପାକିସ୍ତାନର ଏହି ୟୁଜର ଦେବୋଲିନାଙ୍କ ଉପରେ ନିଜର କ୍ରୋଧ ପ୍ରକାଶ କରି ଲେଖିଛନ୍ତି, 'ମୁଁ ସମସ୍ତ ଭାରତୀୟ ପ୍ରଯୋଜକଙ୍କୁ ଅନୁରୋଧ କରୁଛି ଯେ ଦୟାକରି ଦେବୋଲିନା ଭଟ୍ଟାଚାର୍ଯ୍ୟଙ୍କୁ କିଛି କାମ ଦିଅନ୍ତୁ। ସେ ଘରେ ବସି ପାଗଳ ହୋଇଯାଇଛନ୍ତି। ସେ ସବୁବେଳେ ଘୃଣା ପ୍ରସାର କରୁଛନ୍ତି। ମୁଁ ତାଙ୍କ ପ୍ରଶଂସକ ହୋଇଥିବାରୁ ଅନୁତାପ କରୁଛି। ସେ ମଇଳା, ଖରାପ କଥା କହୁଥିବା ଏବଂ ମୂର୍ଖ। ଯଦି ତୁମେ ଇସଲାମକୁ ଏତେ ଘୃଣା କରୁଛ ତେବେ ତୁମର ସ୍ୱାମୀକୁ ଛାଡିଦିଅ!!'ଜଣେ ପାକିସ୍ତାନୀ ୟୁଜରଙ୍କ ମୁସଲିମ ସ୍ୱାମୀଙ୍କୁ ଛାଡିବା ନେଇ ମନ୍ତବ୍ୟର ଜବାବରେ ଦେବୋଲିନା ଭଟ୍ଟାଚାର୍ଯ୍ୟ ଲେଖିଛନ୍ତି, 'ହାହାହାଏବେ ସେମାନେ ମୋ କାମ ବିଷୟରେ ଚିନ୍ତିତ। ଯେଉଁମାନେ ନିଜ ଉପରେ ଭରସା କରନ୍ତି ନାହିଁ। ଯାଅ ଏବଂ ତୁମର ଦେଶ ଏବଂ ଆତଙ୍କୀ ଶିବିରଗୁଡ଼ିକର ଯତ୍ନ ନିଅ। ୨ ଦିନ ମଧରେ ତୁମର ସେନା ଆନ୍ତର୍ଜାତୀୟ ପାଣ୍ଠିରୁ ଭିକ୍ଷା ମାଗୁଛି। ମୋ ସ୍ୱାମୀଙ୍କ ବିଷୟରେ ଚିନ୍ତା କରି ତୁମର ରକ୍ତ ନଷ୍ଟ କର ନାହିଁ। ତୁମେ ତୁମ ଦେଶରେ ଯେଉଁ ଆତଙ୍କବାଦୀମାନଙ୍କୁ ପୋଷଣ କରିଛ ସେମାନଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କର ବିଚରା ମୋ ଉପରେ ବିରକ୍ତ ହୋଇଗଲେଣି।'

# ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ



ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ । କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

☐ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ଦେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

☐ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା'ର ପୂର୍ବ ଜନ୍ମର ଫଳ ମଧ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

☐ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

# ମଙ୍ଗଳସୂତ୍ରର ମହତ୍ତ୍ୱ

ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି। ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମ୍ତ୍କାରୀ ଓ ଲାଭଦାୟକ ଗୁଣ ମଧ ରହିଛି ।

**ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-**

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ର୍ନିମିତ ହୋଇଥାଏ। ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ। ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।

**ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-**

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୁତ୍ର ପିନ୍ଧିଥାଏ। ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ।











# ନଟରାଜ




ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ସ୍ୱରୂପର ଉତ୍ପତି ବିଷୟକ ଧାରଣା "ଆନନ୍ଦମ୍ ତାଣ୍ଡବମ୍" ସହିତ ଜଡ଼ିତ । 'ନଟରାଜ' ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଳୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚର୍ତୁଦିଗରେ ଉଠୁଥିବା ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି 'ଓଁ'କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ 'ଓଁ' ନିହିତ ରହିଛି ।

# ଭଗବାନଙ୍କ ମନରୁ ସୃଷ୍ଟି ସପ୍ତର୍ଷି

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, "ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା । ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।।" ଅର୍ଥାତ୍



ସପ୍ତର୍ଷି ମୋର ମନରୁ ଉତ୍ପନ୍ନ ହୋଇଛନ୍ତି ଏବଂ ସେମାନେ ମୋର ହିଁ ବିଭୂତି । ଯେଉଁ ବ୍ୟକ୍ତି ପ୍ରାତଃ କାଳରୁ ଉଠି ଏମାନଙ୍କ ନାମ ଧାନ କରିଥାଏ, ତାହାର ଫଳ ସ୍ୱରୂପ ଉକ୍ତ ବ୍ୟକ୍ତିର ସାରାଦିନ ଉତ୍ସାହ ଏବଂ ଆନନ୍ଦରେ କଟିଥାଏ । ଦିନର ଆରମ୍ଭ ଉତ୍ତମ ହେଲେ ଏହାର ପ୍ରଭାବାରେ ସାରା ଦିନ ଭଲରେ କଟିଥାଏ । ଏଣୁ ସବୁ ପରିସ୍ଥିତିକୁ ଅନୁକୂଳ କରିବା ଲାଗି ଦିନର ପ୍ରାରମ୍ଭ ଭଲ କରିବା ଲାଗି ସର୍ବଦା ଚେଷ୍ଟା କରିବା ଉଚିତ୍ । ସକାଳୁ ଉଠି ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାର କୁହାଯାଇଥିବା ଉପାୟ ଅବଲମ୍ବନ କଲେ ସାରା ଦିନ ଭଲରେ କଟିଥାଏ । ଶାସ୍ତ୍ରରେ ସପ୍ତର୍ଷିଙ୍କ ବିଷୟରେ ଉଲ୍ଲେଖ ରହିଛି । ସେମାନେ ହେଲେ - ବଶିଷ୍ଠ, କଶ୍ୟପ, ଅତ୍ରି, ଯମଦଗ୍ନି, ଗୌତମ, ବିଶ୍ୱାମିତ୍ର ଓ ଭରଦ୍ୱାଜ ।

# ପୋଲିସ କମିସନରେଟ ପକ୍ଷରୁ ରେଡକ୍ରସ୍ ଦିବସ

**ଭୁବନେଶ୍ୱର,୧୦।୫ (ମହାଭାରତ):** ଭାରତୀୟ ରେଡକ୍ରସ୍ ସୋସାଇଟି, ପୋଲିସ କମିସନରେଟ ଆଞ୍ଚଳିକ ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ବିଜେବି କଲେଜରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିସନର ତଥା ପୋଲିସ କମିସନରେଟ ରେଡକ୍ରସ୍ ଆଞ୍ଚଳିକ ଶାଖାର ଅଧକ୍ଷ ଡ. ସୁରେଶ ଦେବଦତ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ନେସନାଲ ଗ୍ୟାଲେରୀ ଅଫ ମଡନ ଆର୍ଟର ପୂର୍ବତନ ଡାଇରେକ୍ଟର ଜେନେରାଲ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡନାୟକ ଯୋଗଦେଇ ବରିଷ୍ଠମାନେ ନିରୋଗ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଭୁବନେଶ୍ୱର ଡିସିପି ଜଗମୋହନ ମିନା, କେୟାର ଡାକ୍ତରଖାନାର ଡାକ୍ତର ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ଓ ବରିଷ୍ଠ ନାଗରିକ ସଙ୍ଘର ରାଜ୍ୟ ସଭାପତି ଡାକ୍ତର ପ୍ରସନ୍ନ କୁମାର ଦାସ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପୋଲିସ କମିସନରେଟ ରେଡକ୍ରସର ଯୁଗ୍ମ-ସମ୍ପାଦକ ଆଡିସିନାଲ ଡିସପି ମାନସ ରଞ୍ଜନ ଗଡନାୟକ ବୈଠକକୁ ପରିଚାଳନା କରିଥିବା ବେଳେ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ସମ୍ ହସ୍ପିଟାଲ, କେୟାର ହସ୍ପିଟାଲ, ପୋଲିସ ହସ୍ପିଟାଲ ଓ ସପ୍ତମ ବାଟାଲିୟନ ହସ୍ପିଟାଲର ଡାକ୍ତର ଓ ସହଯୋଗୀମାନେ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କୁ ଚିକିତ୍ସା ପ୍ରଦାନ କରିବା ସହିତ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ବିଶ୍ୱ ରେଡକ୍ରସ ଦିବସ କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ସହିତ ବରିଷ୍ଠ ନାଗରିକ ତଥା କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ କୃପାସିନ୍ଧୁ ସାହୁ, ବଡଗଡ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ ଓ ବରିଷ୍ଠ ନାଗରିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ପ୍ରମୁଖ ବହୁ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ରାଷ୍ଟ୍ରୀୟ କୃଷି ସମ୍ମିଳନୀର ଖରିଫ ଅଭିଯାନ

**ଭୁବନେଶ୍ୱର,୧୦।୫ (ମହାଭାରତ):** ନୂଆଦିଲ୍ଲୀରେ ଅବସ୍ଥିତ ରାଷ୍ଟ୍ରୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ରାଷ୍ଟ୍ରୀୟ କୃଷି ସମ୍ମିଳନୀର ଖରିଫ ଅଭିଯାନ ୨୦୨୫ ରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦାନ କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଖରିଫ ଅଭିଯାନରେ ଦେଶର ବିଭିନ୍ନ ରାଜ୍ୟରୁ କୃଷିମନ୍ତ୍ରୀମାନେ ଯୋଗଦେଇ ଖରିଫ ଫସଲ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶାର କୃଷି ବିକାଶ ତଥା ପ୍ରଣିତ ବିଭିନ୍ନ ଉଲ୍ଲେଖନୀୟ ଯୋଜନା ଯଥା ସମୃଦ୍ଧ କୃଷକ ଯୋଜନା ଅନ୍ତର୍ଗତ ଚାଷୀଙ୍କୁ ଏମଏସପି ଉପରେ ଅତିରିକ୍ତ ୮୦୦ ଟଙ୍କା ଇନପୁଟ ସହାୟତା ପ୍ରଦାନ,



ଶୀତଳଭଣ୍ଡାର ନୀତି, କୃଷି ଉତ୍ପାଦନ କ୍ଲଷ୍ଟର ମାଧ୍ୟମରେ ଖାଦ୍ୟ ଉତ୍ପାଦନ ସଂସ୍ଥା (ଏଫପିଓ) ଗୁଡ଼ିକର ବିକାଶ, ଉନ୍ନତ ମାନର ପ୍ରାମାଣିକ ବିହନ ଯୋଗାଣ, ଧାନ ପରବର୍ତ୍ତୀ ପଡ଼ିଆ। ଜମିର ପରିଚାଳନା, କୃଷି ବିଦ୍ୟାନିଧି ଯୋଜନା ଅନ୍ତର୍ଗତ ଚାଷୀ ଭାଇ ଭଉଣୀଙ୍କ ସନ୍ତାନସନ୍ତତିଙ୍କୁ ଉଚ୍ଚଶିକ୍ଷା ସହାୟତା ରାଶି, ରାଜ୍ୟର ୮ ଟି ଜିଲ୍ଲାରେ ୧୬୬୦୦ ହେକ୍ଟର ଜମିରେ ବଳଭଦ୍ର ଜୈବିକ ଚାଷ ମିଶନ ଜରିଆରେ ଜୈବିକ ଉପାୟରେ ଉତ୍ପାଦନ, ପୁରୀ ଶ୍ରୀମନ୍ଦିରରେ ଅମୃତ ଅନ୍ନ ଯୋଜନା ଅଧୀନରେ ଜୈବିକ ଚାଉଳର ବ୍ୟବହାର ଇତ୍ୟାଦି ବିଷୟରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆଲୋକପାତ କରିଥିଲେ।

ଏହାବ୍ୟତୀତ, ଧାନ ପରବର୍ତ୍ତୀ ଜମିରେ ଡାଲି ଜାତୀୟ ଫସଲର ବର୍ଦ୍ଧିତ ପରିମାଣର ଉତ୍ପାଦନ, ତୈଳ ଜାତୀୟ ଫସଲ ଏବଂ ଏହା ଉପରେ ଅଧିକ ସବସିଡ଼ି ପ୍ରଦାନ, ପ୍ରାକୃତିକ ଚାଷ ବା ନ୍ୟାଚୁରାଲ ଫାର୍ମିଙ୍ଗରେ ଅଧିକ ୨୦୦ ହେକ୍ଟର, ପିଏମ୍ କିଷାନ ଓ ସିଏମ୍ କିସାନର ସମିଶ୍ରଣ, ଉଦ୍ୟାନ କୃଷି ଅଧୀନରେ ଫାର୍ମ ଗେଟ ୟୁନିଟ ପିଛା ଖର୍ଚ୍ଚ ୨୫ ଲକ୍ଷରୁ ୬ ଲକ୍ଷ କମାଯିବାକୁ କେନ୍ଦ୍ର କୃଷି ମନ୍ତ୍ରାଳୟକୁ ଅନୁରୋଧ କରିଛନ୍ତି। ଏସବୁ ପ୍ରସଙ୍ଗରେ କେନ୍ଦ୍ର ସରକାର ଧାନ ଦେଇ ଆଗାମୀ ଦିନରେ ସହଯୋଗ କରିବେ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଓଡ଼ିଶା ସରକାରଙ୍କ କୃଷି ବିଭାଗ ଦ୍ୱାରା ପ୍ରସ୍ତୁତ ଆକ୍ଟିଭିଟି ରିପୋର୍ଟ ଉପମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସହ ବିଭାଗୀୟ ପ୍ରମୁଖ ଶାସନ ସଚିବ, ଡ. ଅରବିନ୍ଦ କୁମାର ପାଢ଼ୀ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର,୧୦।୫ (ମହାଭାରତ):** ମହିଳା ଏବଂ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଲକ୍ଷ ନେଇ ଏକ ଦୁଇ ଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ୭ ଓ ୮ ମଇ ରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ, ଲକ୍ଷ୍ମୀସାଗର, ଭୁବନେଶ୍ୱର ଠାରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

ଏହି କର୍ମଶାଳାରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ, ଆର୍ଥିକ କାରବାର ବୁଝୁଥିବା ଜିଲ୍ଲା ସ୍ତରୀୟ କର୍ମଚାରୀ, ୱାନ ଷ୍ଟପ ସେଂଟର, ଶକ୍ତି ସଦନ ତଥା ସଖୀ ନିବାସ ପରିଚାଳନା କରୁଥିବା ଅଣ-ସରକାରୀ ସଂଗଠନ (ଏନଜିଓ)ଙ୍କ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ସରକାରୀ ବ୍ୟବସ୍ଥା ଏବଂ ପ୍ରୋଟୋକଲ ସହିତ ସୁସଙ୍ଗତ ହେବା ପାଇଁ ତଥା ଆର୍ଥିକ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନ୍ୱୟନ କ୍ଷେତ୍ରଗୁଡ଼ିକ ଉପରେ ପ୍ରତକ୍ଷ ତାଲିମ ଦେବା ଏହି କାର୍ମଶାଳାର ଲକ୍ଷ। ଏହି ଦୁଇ ଦିନିକିଆ କର୍ମଶାଳା କେବଳ ଏନ. ଜି. ଓ. ଗୁଡ଼ିକର ଆର୍ଥିକ ଦକ୍ଷତା ବୃଦ୍ଧି କରିବା ନୁହେଁ ବରଂ ଡକ୍ୟୁମେଂଟେସନ୍, ଅନୁପାଳନ, ପ୍ରଭାବୀ ରିପୋର୍ଟିଂ, ଆଇନଗତ ଡାଂଟା ଏବଂ ଡିଜିଟାଲ୍ ସମନ୍ୱୟ ଭଳି ପ୍ରମୁଖ ଦାୟିତ୍ୱ ବିଷୟରେ ସେମାନଙ୍କର ଧାରଣା ଆହୁରି ଶାଣିତ କରିବା ଲକ୍ଷ୍ୟରେ ଆୟୋଜନ କରାଯାଇଥିଲା । ଯେହେତୁ ଆଜିକାଲି ସରକାରଙ୍କ ସମସ୍ତ ଦେଣନେଣ ପ୍ରକ୍ରିୟା ଏସ.ଏନ.ଏ ସ୍ୱର୍ଣ ପୋର୍ଟାଲ ମାଧ୍ୟମରେ ସମ୍ପାଦିତ କରାଯାଉଛି ତେଣୁ ଏହାର କାର୍ଯ୍ୟକାରିତାକୁ ପରିଚିତ କରାଇବା ତଥାରେ ବିଲ୍ କିପରି ଜେନେରେଟ୍ ଏବଂ ଅପଲୋଡ୍ କରାଯିବ, ବିନିଯୋଗ ପ୍ରମାଣପତ୍ର /ଖର୍ଚ୍ଚ ବିବରଣୀ ଦାଖଲ, ପାଣ୍ଠି ପ୍ରକାଶନ ପ୍ରୋଟୋକଲ ଏବଂ ରିପୋର୍ଟିଂ ଭଳି ଜରୁରୀ କାର୍ଯ୍ୟଗୁଡ଼ିକ ଉପରେ ପ୍ରତ୍ୟକ୍ଷ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା । ଏଥି ସହିତ ଡିଜିଟାଲ୍ ମନିଟରିଂ ଉପକରଣର ବ୍ୟବହାର ଯଥା ମିଶନ ଶକ୍ତି ଡ୍ୟାସ ବୋର୍ଡ, ଗୁଗୁଲ ଶୀଟ ଆଦିର ପ୍ରଭାବଶାଳୀ ଉପଯୋଗ ଉପରେ ମଧ ଆଲୋକ ପାତ କରାଯାଇଥିଲା ଯାହା ତଥ୍ୟ ପ୍ରସ୍ତୁତି, ସଂରକ୍ଷଣ ତଥା ସେୟାରିଂ ସୁଚାରୁ ଓ ସରଳୀକରଣ କରିବାରେ ସହାୟକ ସାବ୍ୟସ୍ତ ହେବ।

ଖୋର୍ଦ୍ଧା ଜିଲ୍ଲା ବିକାଶ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟି ବୈଠକ

# ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦିଅ


**ଭୁବନେଶ୍ୱର,୧୦।୫ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ବିକାଶ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।




ବୈଠକରେ କମିଟିର ଅଧକ୍ଷ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାରେ ସମସ୍ତ ବିଧାୟକ, ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକର ପରିଚାଳନା କରିଥିଲେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ୪୮ଟି ପ୍ରମୁଖ ଯୋଜନାର କାର୍ଯ୍ୟକାରିତା ଏବଂ ଅଗ୍ରଗତି ସମ୍ପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ଯେମିତି ପ୍ରତିଟି ହିତାଧିକାରୀ ପାଇପାରିବେ ସେନେଇ ବୈଠକରେ ଗୁରୁତ୍ୱାରୋପ କରିଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ। ଯେପରି କଚ୍ଚା ଘରେ ରହୁଥିବା ଲୋକେ ପକ୍କା ଘର ପାଇପାରିବେ ସେନେଇ ବରିଷ୍ଠ ଅଧିକାରୀଙ୍କ ସହ ବିଧାୟକମାନଙ୍କୁ ମଧ ଏହାର ଉତ୍ତରଦାୟିତ୍ୱ ଦେଇଛନ୍ତି ଅପରାଜିତା। ଖାଲି ସେତିକି ନୁହେଁ ବିଡିଓମାନେ ଘର ଘର ବୁଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାକୁ ଥିବା ହିତାଧିକାରୀଙ୍କର ଏକ ରିପୋର୍ଟ ପ୍ରସ୍ତୁତ କରିବେ। ଆଉ ସେହି ଅନୁଯାୟୀ ଆଗାମୀ ଦିନରେ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରାଯିବ। ସେହିପରି ଜଳସେଚନ, ବିଜୁଳି ଭଳି ୪୮ଟି ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଜିର ଜିଲ୍ଲା ବିକାଶ, ସମନ୍ୱୟ ଏବଂ ପର୍ଯ୍ୟବେକ୍ଷଣ କମିଟିର ବୈଠକରେ ଯୋଜନାର କାର୍ଯ୍ୟକାରିତା ନେଇ ବିଭାଗୀୟ ଅଧିକାରୀଙ୍କୁ ଡେଡ୍ ଲାଇନ୍ ମଧ ପ୍ରଦାନ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯେମିତି ଉତ୍ତମ ଗୁଣବତ୍ତା ବଜାଇ ରଖି ସମସ୍ତ କାର୍ଯ୍ୟ ସମାପନ କରାଯିବ ସେନେଇ ଅଧିକାରୀମାନଙ୍କୁ ତାଗିଦ୍ ମଧ କରାଯାଇଛି। ପ୍ରତି ୩ ମାସରେ ଥରେ ଏହି ବୈଠକ ଅନୁଷ୍ଠିତ ହୁଏ। ଆଗକୁ ମଧ ଏହି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ।

# ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟପାଳ

**ଭୁବନେଶ୍ୱର,୧୦।୫ (ମହାଭାରତ):** ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ମଞ୍ଚେଶ୍ୱର ରେଲୱେ ରୋଡସ୍ଥିତ ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର (ଏସ୍.ଏଲ୍.ଡି.ସି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଏସ୍.ଏଲଡିସିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ସହିତ ଏହାର ନିୟନ୍ତ୍ରଣ କକ୍ଷ (କଂଟ୍ରୋଲ ରୁମ୍) ପରିଦର୍ଶନ କରି ସେଠାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକଳାପ



ସଂମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏସ୍.ଏଲ୍.ଡିସିର କାର୍ଯ୍ୟାବଳୀ, ରାଜ୍ୟର ବିଦ୍ୟୁତ ବ୍ୟବସ୍ଥାରେ ଏହାର ଗୁରୁତ୍ୱ ଏବଂ ବିଦ୍ୟୁତ ଗ୍ରୀଡର ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା କିପରି କାର୍ଯ୍ୟ କରୁଛି ସେ ବିଷୟରେ କର୍ମକର୍ତ୍ତା ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏସ୍.ଏଲ୍.ଡିସିର ଅଧିକାରୀମାନେ ରାଜ୍ୟରେ ବିଦ୍ୟୁତ ଚାହିଦା ଓ ଯୋଗାଣର ସନ୍ତୁଳନ ରକ୍ଷା, ଗ୍ରୀଡ ସ୍ଥିରତା ସୁନିଶ୍ଚିତ କରିବା ଏବଂ ଆଧୁନିକ ପ୍ରଯୁକ୍ତି ବ୍ୟବହାର ମାଧ୍ୟମରେ ବିଦ୍ୟୁତ ବଣ୍ଟନକୁ ଅଧିକ କ୍ରିୟାଶୀଳ କରିବା ଆଦି ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ଗ୍ରହଣ ଏବଂ ଅନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ଗ୍ରୀଡ ସହ ସମନ୍ୱୟ ରକ୍ଷା କରିବାରେ ଏସଏଲଡିସିର କାର୍ଯଧାରା ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ଏହି ପରିଦର୍ଶନ ସମୟରେ ଏସ୍.ଏଲ୍.ଡିସିର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ବି ବି ମେହତାଙ୍କ ସମେତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଏ.ଆଇ. ସମ୍ପର୍କିତ ଭବିଷ୍ୟତ ରୂପରେଖ ଆଲୋଚନାଚକ୍ର




**ଭୁବନେଶ୍ୱର,୧୦।୫ (ମହାଭାରତ):** ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଦ୍ୱାରା ପ୍ରବର୍ତିତ ପ୍ରଯୁକ୍ତି ପରିପ୍ରେକ୍ଷୀରେ ଆଗାମୀ ପୀଢ଼ିର ମ୍ୟାନେଜରମାନଙ୍କୁ କିପରି ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ ସେ ବିଷୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ଠାରେ ନିକଟରେ ଏକ ଆନ୍ତର୍ଜାତିକ ଫ୍ୟାକଲ୍ଟି ଡେଭେଲପମେଂଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୟୁନାଇଟେଡ୍ କିଙ୍ଗଡମ୍ ସ୍ଥିତ କାନାରା ବ୍ୟାଙ୍କର ଏନ୍‌ଟରପ୍ରାଇଜ ରିସ୍କ ବ୍ୟାଙ୍କିଙ୍ଗ ମୁଖ୍ୟ ଶ୍ରୀମତି ଇପ୍‌ସିତା ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।

ଶ୍ରୀମତି ପ୍ରଧାନ ଆର୍ଟିଫିସିଆଲ ଇନ୍‌ଟେଲିଜେନ୍ସ ସମ୍ପର୍କିତ ଆଶଙ୍କା ସମ୍ବଳିତ ପରିସ୍ଥିତିର କିପରି ସମ୍ମୁଖୀନ ହେବାକୁ ପଡ଼ିବ ସେ ବିଷୟରେ ବକ୍ତବ୍ୟ ରଖି ଅନେକ ଘଟଣାର ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମକୁ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଓ ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ମଧ ସେମାନଙ୍କ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଆସୋସିଏଟ୍ ପ୍ରଫେସର ବିଭୁତି ଭୂଷଣ ମିଶ୍ର ଓ ଡ. ପ୍ରୀତି ୱାଇ ଷଡ଼ଙ୍ଗୀ କରିଥିଲେ। ଡକ୍ଟର ଧୃତିସୁନ୍ଦର ସାହୁ, ଆସୋସିଏଟ ପ୍ରଫେସର, ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟରେ ଛାତ୍ରଛାତ୍ରୀ ମୃତ୍ୟୁର ସ୍ଥିତି ଉଦ୍‌ବେଗ ଜନକ

**ଭୁବନେଶ୍ୱର,୧୦।୫ (ମହାଭାରତ):** ଓଡ଼ିଶାରେ ଛାତ୍ର ଛାତ୍ରୀ ମୃତ୍ୟୁର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଓ ଭୟାନକ ସ୍ଥିତିରେ ଆସି ପହଂଚିଛି। ଏହି ଅଳ୍ପ କିଛି ଦିନ ମଧ୍ୟରେ ରାଜ୍ୟ ରାଜଧାନୀରେ ଦୁଇଟି ବିଶ୍ୱ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ସିଭିରମଣ ଗ୍ଲୋବାଲ ବିଶ୍ୱ ବିଦ୍ୟାଳୟରେ ଜଣେ ତୃତୀୟ ବର୍ଷ ଛାତ୍ର ଆତ୍ମ ହତ୍ୟା କରିବା ଅତ୍ୟନ୍ତ ଦୁଃଖ ଦାୟକ ଘଟଣା। ଲଗାତର ଛାତ୍ରଛାତ୍ରୀ ଆତ୍ମ ହତ୍ୟା ଘଟଣାକୁ ନେଇ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବହୁ ସଂଖ୍ୟାକ ଛାତ୍ର କଂଗ୍ରେସର କର୍ମୀ ଓ ନେତୃବୃନ୍ଦ ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ମାଷ୍ଟର କ୍ୟାଂଟିନ ଛକରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କର କୁଶପୁତଳିକା ଦାହ କରିବା ସହିତ ରାଜ୍ୟ ସରକାର ଏଭଳି ସ୍ଥିତି ପ୍ରତି ତିକ୍ଷ୍ଣ ଦୃଷ୍ଟି ଦେବା ସହିତ ବିଶ୍ୱ ବିଦ୍ୟାଳୟମାନଙ୍କରେ ଛାତ୍ର



ଛାତ୍ରୀମାନଙ୍କର ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ତାଙ୍କୁ ରେଗୁଲାର କାଉଂସିଲଙ୍ଗ କରିବା ପାଇଁ ଶ୍ରୀ ପ୍ରଧାନ ଦାବି କରିଛନ୍ତି। କାହିଁକି ଓ କେଉଁ ପରିସ୍ଥିତିରେ ନେପାଳୀ ଛାତ୍ରୀ ଜଣଙ୍କ କିଟ୍ ବିଶ୍ୱ ବିଦ୍ୟାଳୟରେ ପରିସରରେ ମୃତ୍ୟୁ ବରଣ କଲେ ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକ ରହିଛି ? କିନ୍ତୁ ଏ ସରକାର ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଏ ସ୍ଥିତିକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରନ୍ତୁ, ଛାତ୍ର ଛାତ୍ରୀମାନଙ୍କ ଜୀବନ ଓ ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ଦାସ, ଜାନକୀବଲ୍ଲଭ ପଟ୍ଟନାୟକ, ରଜନୀ ମହାନ୍ତି, ପ୍ରକାଶ ଜେନା, ପ୍ରଶାନ୍ତ ଚମ୍ପତି, ଅଶୋକ ଦାସ, ସୁବ୍ରତ ମହାପାତ୍ର, ଚୁନୁ ସିଂ, ସାହାରୁଖ୍ ଖାନ, ସୁନିଲ କୁମାର ଗାନ୍ଧୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ ଜିଲ୍ଲାରେ ରବି ଧାନ ପଂଜିକରଣ

**ଭୁବନେଶ୍ୱର,୧୦।୫ (ମହାଭାରତ):** ରବି ଧାନ ପାଇଁ ପଞ୍ଜୀକରଣ ସରିଛି। ଏଥର ଆମେ ୨୦ ଟି ଜିଲ୍ଲାକୁ ନେଇଛୁ। ଆଗରୁ ୧୭ ଜିଲ୍ଲାରେ ପଞ୍ଜୀକରଣ ହେଉଥିଲା। ପଞ୍ଜୀକରଣ ପରେ ସାଟେଲାଇଟ ସର୍ଭେ କରାଯିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସପ୍ତାହେ ଭିତରେ ଆରମ୍ଭ ହେବ ଧାନ କିଣା ପ୍ରକ୍ରିୟା। ୪୮ ଘଂଟା ଭିତରେ ଚାଷୀଙ୍କ ଆକାଉଂଟକୁ ଯିବ ଟଙ୍କା। ମଣ୍ଡି ଦାୟିତ୍ୱରେ ରହିବେ ନୋଡାଲ ଅଫିସର ଆମର ଟାର୍ଗେଟ ୧୫ ଲକ୍ଷ ମେଟ୍ରିକ୍ ଟନ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି। କଟନୀ ଛଟନୀ କରାଇ ଦିଆଯାଇନାହିଁ। ଅସାଧୁ ମିଲର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

# ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ରକ୍ତଦାନ

**ଭୁବନେଶ୍ୱର,୧୦।୫ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବର ଉପଦେଷ୍ଟା ତଥା ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜିଲ୍ଲା ଶାଖାର ସଭାପତି ପ୍ରକାଶ କୁମାର ହାତୀଙ୍କ ଆହ୍ୱାନକ୍ରମେ, ଏକ ମେଗା ରକ୍ତଦାନ ଶିବିର ସାମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର, ଡିଏମଓ (ଏମ୍‌ଏସ) ଡାକ୍ତର ମନୋରଞ୍ଜନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ



ଅତିଥି ଭାବେ ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ ଡାକ୍ତର ହର ପ୍ରସନ୍ନ ତ୍ରିପାଠୀ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ସମାଜସେବୀ ଡ଼ ସଞ୍ଜୟ ପଟ୍ଟନାୟକ କଂଗ୍ରେସ ନେତ୍ରୀ ସୋନାଲି ସାହୁ, ଶୋଭାନ ଘୋଷ ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ଓ.ୟୁ.ଜେ. ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ତଥା ଜିଲ୍ଲା ପ୍ରେସ କ୍ଲବ ର ଉପଦେଷ୍ଟା ତପନ କୁମାର ନାୟକ,ଉତ୍କଳ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ଅବ୍ୟକ୍ତ ହରି ହର ଖାଡ଼ଙ୍ଗା, ପ୍ରେସ କ୍ଲବ ଉପସଭାପତି ଲଳିତ ମୋହନ ମହାପାତ୍ର ପ୍ରସନ୍ନ କୁମାର ପାଇକରାୟ, ଯୁବ ସମାଜସେବୀ ସାମ୍ବାଦିକ ପ୍ରଭାତ କୁମାର ପାଣିଗ୍ରାହୀ, ରଞ୍ଜିତ ସାମନ୍ତରାୟ ଶୁଭାକାନ୍ତ ମହାପାତ୍ର, ରଞ୍ଜିତ ପାଟଶାଣୀ, ଗୋପାଳ ପ୍ରଧାନ, ପ୍ଲାବନ ପଟ୍ଟନାୟକ, ରାଧା ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରି ଥିଲେ।

# ସମ୍ ଫୁଲନଖରାରେ ସୋମି ସମ୍ମିଳନୀ

**ଭୁବନେଶ୍ୱର,୧୦।୫ (ମହାଭାରତ):** ଫୁଲନଖରା ଠାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ - ୨ ଓ ସୋସାଇଟି ଅଫ୍ ମିଡୱାଇଭସ୍ ଇଣ୍ଡିଆ (ସୋମି), ଓଡିଶା ଶାଖାର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ୧୦ମ



ରାଜ୍ୟସ୍ତରୀୟ ସୋମି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଡାକ୍ତର ଶେଫାଳି ମଲ୍ଲିକ୍, ଓଡିଶା ସରକାରଙ୍କ ଅତିରିକ୍ତ ନିର୍ଦ୍ଦେଶିକା (ନର୍ସିଂ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମା ଓ ଶିଶୁର ମୃତ୍ୟୁହାରକୁ କିପରି ହ୍ରାସ କରାଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ କହିଥିଲେ ଯେ ଏହା ଏକ ଦକ୍ଷତା ଭିତ୍ତିକ ସମ୍ମିଳନୀ ଯାହା ମାଧ୍ୟମରେ ନର୍ସିଂ ଅଫିସରମାନେ ପ୍ରଶିକ୍ଷିତ ହୋଇପାରିବେ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ -୨ ର ଡିନ୍ ପ୍ରଫେସର (ଡ.) ଅରକ୍ଷିତ ସ୍ୱାଇଁ ଯୋଗ ଦେଇଥିବା ସମସ୍ତ ନର୍ସିଂ ଅଫିସର, ଛାତ୍ରଛାତ୍ରୀ ଓ ଫ୍ୟାକଲ୍ଟି ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନେ ଏହି ସମ୍ମିଳନୀରେ ଅନେକ ଜ୍ଞାନ ଆହରଣ କରିପାରିବେ ଓ ମିଡ୍‌ୱାଇଫ୍ ମାନଙ୍କ ଭୂମିକା ବିଷୟରେ ଜାଣିପାରିବେ ବୋଲି କହିଥିଲେ। ଫୁଲନଖରା ସମ୍ ହସ୍ପିଟାଲ- ୨ର ଅତିରିକ୍ତ ନିର୍ଦ୍ଦେଶିକା ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ତାପସୀ ପତି ଯୋଗ ଦେଇ କହିଥିଲେ ଯେ ଜଣେ ନାରୀ ପାଇଁ ମାତୃତ୍ୱ ଲାଭ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦିଗ ପ୍ରତି ଧ୍ୟାନ ଦେବା ସହିତ ପ୍ରସୂତିଙ୍କର କିପରି ସାଧାରଣ ପ୍ରସବ କରାଯାଇପାରିବ ସେ ବିଷୟରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି। ବିଶେଷ ଅତିଥି ଭାବେ ସୋମିର ପ୍ରତିଷ୍ଠାତା ତଥା ଉପଦେଷ୍ଟା ଡାକ୍ତର ଏମ୍. ପ୍ରକାଶମ୍ମା ଯୋଗ ଦେଇ କହିଥିଲେ ଯେ ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ପାଇଁ ମିଡ୍‌ୱାଇଫଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ତଥା ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ଓ ସଂଯୋଜିକା ପ୍ରଫେସର (ଡ.) ପ୍ରଭାତୀ ତ୍ରିପାଠୀ ଓ ସୋମିର ସମ୍ପାଦିକା ଡ. ଅମ୍ରିତା ଲେଙ୍କା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।

# ନେହେରୁ ଯୁବ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୦।୫ (ମହାଭାରତ):** ଯୁବ ସାଂସ୍କୃତିକ ଅନୁଷ୍ଠାନ ନେହେରୁ ଯୁବ ପ୍ରତିଷ୍ଠାନର ୫୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ପରିସରରେ ପ୍ରତିଷ୍ଠାନର ସଭାପତି ସହଦେବ ଜୟସିଂହଙ୍କ ଅଧକ୍ଷତା ଓ କାର୍ଯ୍ୟକାରୀ ସଦସ୍ୟା ଶ୍ରୀମତୀ ମିନତି ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଅନ୍ୟତମ ମୁଖ୍ୟଅତିଥି ଅଭିନେତା ଜ୍ଞାନେନ୍ଦ୍ର




ଓ କର୍ପୋରେଟର ଶ୍ରୀମତୀ ପୁଷ୍ପା ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀର୍ଘ ବର୍ଷ ଧରି ଅନୁଷ୍ଠାନର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ପାଦିକା ଶ୍ରୀମତୀ ସୁମିତ୍ରା ତ୍ରିପାଠୀ ଅନୁଷ୍ଠାନର ଜନହିତକରି କାର୍ଯ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ। ବରିଷ୍ଠ ସଂଯୋଜକ ସୁରେନ୍ଦ୍ର ସାହୁ ୫୩ ବର୍ଷର ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ବିବରଣୀ ରଖିଥିଲେ। ବରିଷ୍ଠ ସଂଯୋଜକ ଆଶିଷ ବେବର୍ତ୍ତା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ପୂର୍ବତନ ସମ୍ପାଦକ ରମାବଲ୍ଲଭ ରଥଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ଶଶୀପ୍ରଭା ଦାସଙ୍କ ଦ୍ୱାରା ପ୍ରସ୍ତୁତ କେକ୍‌କୁ ଅତିଥିମାନେ କାଟିଥିଲେ। ସଭାପତି ସହଦେବ ଜୟସିଂହଙ୍କ ଅଭିଭାଷଣ ପରେ ଯୁଗ୍ମ ସମ୍ପାଦକ ସୁଦୀପ୍ତ ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ସମାଜସେବୀ ଜଗତ ମୋହନ ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଧୁନିକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ସମ୍ପାଦିକା ଲିଲିପ୍ସା ମହାପାତ୍ରଙ୍କ ପରିଚାଳନାରେ ତିନିଟି ବିଭାଗରେ ଅନୁଷ୍ଠିତ ଏହି ନୃତ୍ୟ ପ୍ରତିଯୋଗିତାରେ ରଚିବା ଦାସ, ରଞ୍ଜିତା ପତି ଓ ଶ୍ରୀକାନ୍ତ ରାଉଳ ବିଚାରକ ଭାବେ ରହିଥିଲେ।

# ଜନସଂଖ୍ୟା ବଢୁଛି

ପ୍ରତିଦିନ ଭାରତ ଓ ଚୀନ ମଧ୍ୟାରେ ଜନସଂଖ୍ୟାରେ ପାର୍ଥକ୍ୟ ବଢ଼ିବାରେ ଲାଗିଛି। ପ୍ରତି ମୁହୂର୍ତ୍ତରେ ଏହି ସଂଖ୍ୟା ବଦଳୁଛି। ଏବେ ଭାରତର ଜନସଂଖ୍ୟା ଯେଉଁ ହାରରେ ବଢୁଛି ସେଥିରେ ଚୀନ ଆଉ ଭାରତକୁ ଅତିକ୍ରମ କରିବା ସମ୍ଭବ ନୁହେଁ। ବିଭିନ୍ନ କାରଣରୁ ଚୀନରେ ଜନ୍ମହାର କମିବା ଫଳରେ ସେଠାରେ ଜନସଂଖ୍ୟା ହ୍ରାସ ପାଇଛି ଯାହା ସେହି ଦେଶ ପାଇଁ ଏବେ ଚିନ୍ତାର କାରଣ ହୋଇଛି। ଜନସଂଖ୍ୟା ବୃଦ୍ଧି ନିମନ୍ତେ ଚୀନ ଅନେକ ଯୋଜନା କରୁଥିଲେ ମଧ୍ୟ ଏହାର ତତ୍କାଳ ସୁଫଳ ମିଳୁନି। ଅନ୍ୟ ପକ୍ଷରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଭାରତ ଗତ ୬୦ ବର୍ଷ ହେବ ବରାବର ଉଦ୍ୟମ କରୁଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଅନେକ ସୁଚିନ୍ତିତ ଯୋଜନା ହୋଇଛି, ଶହ ଶହ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେଉଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କିନ୍ତୁ ତଥାପି ଲୋକେ ସଚେତନ ହେଉ ନାହାଁନ୍ତି। ଅବଶ୍ୟ ଜନସଂଖ୍ୟା ବୃଦ୍ଧି ହାର ଏବେ କମିଛି, ଅର୍ଥାତ ଯେଉଁ ବେଗରେ ଜନସଂଖ୍ୟା ବୃଦ୍ଧି ପାଉଥିଲା ତାହା କମିଛି। କିନ୍ତୁ ଏହା ସତ୍ତ୍ୱ ଜନସଂଖ୍ୟା ନିୟନ୍ତ୍ରଣ ସଫଳ ହୋଇପାରିନାହିଁ। ଲୋକଙ୍କ ଭିତରେ ଏ ଯାବତ ସେତିକି ସଚେତନତା ସୃଷ୍ଟି ହୋଇନାହିଁ। ଅନେକ ଏହାକୁ ଏକ ବ୍ୟକ୍ତିଗତ ଅଧିକାର ବୋଲି ବିଚାର କରୁଛନ୍ତି। କିନ୍ତୁ ଏହା ଏକ ରାଷ୍ଟ୍ରୀୟ ସମସ୍ୟା, ସମଗ୍ର ମାନବ ଜାତି ପ୍ରତି ଏକ ଆହ୍ୱାନ ସେ କଥା କେହି ବିଚାର କରୁନାହାଁନ୍ତି। ଜନସଂଖ୍ୟା ବୃଦ୍ଧି ହିଁ ଭାରତର ଦାରୀଦ୍ର୍ୟ ଏବଂ ଅନଗ୍ରସରତାର ମୁଖ୍ୟ କାରଣ। ୭୫ ବର୍ଷ ତଳେ ଭାରତ ଯେତେବେ ସ୍ୱାଧୀନ ହେଲା ସେତେବେଳେ ଭାରତର ଜନସଂଖ୍ୟା ଥିଲା ୩୫ କୋଟି। ୭୫ ବର୍ଷ ଭିତରେ ଏହା ୪ ଗୁଣରୁ ଅଧିକ ହୋଇଛି। ଯଦି ଭାରତର ଜନସଂଖ୍ୟା ୧୪୦ କୋଟି ପରିବର୍ତ୍ତେ ୭୦ କୋଟିରେ ସୀମିତ ରହିଥାନ୍ତା ତେବେ ଏହା ବିଶ୍ୱର ସବୁଠାରୁ ଧନଶାଳୀ ଓ ଶକ୍ତିଶାଳି ରାଷ୍ଟ୍ରର ମାନ୍ୟତା ପାଇଥାନ୍ତା। ଆମେରିକା ପଛରେ ପଡ଼ି ଯାଇଥାନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତବାସୀ ଆଜି ପର୍ଯ୍ୟନ୍ତ ଏହାକୁ ଗୁରୁତ୍ୱ ଦେଉ ନାହାଁନ୍ତି। ପରିବାର ନିୟନ୍ତ୍ରଣ ଯୋଜନା ଅନେକଙ୍କ ପାଇଁ କେବଳ ଏକ ପ୍ରଚାର ସର୍ବସ୍ୱ ଆହ୍ୱାନ ହୋଇ ରହିଯାଇଛି। ଯେଉଁମାନେ ଅଶିକ୍ଷିତ, ଅନଗ୍ରସର ସେମାନଙ୍କ କଥା ଭିନ୍ନ। କିନ୍ତୁ ଭାରତରେ ଅନେକ ଶିକ୍ଷିତ, ସଚେତନ ବ୍ୟକ୍ତି ମଧ୍ୟ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତାକୁ ଆଜି ପର୍ଯ୍ୟନ୍ତ ଅନୁଭବ କରିନାହାଁନ୍ତି। ଜନସଂଖ୍ୟା ବୃଦ୍ଧି ଯୋଗୁ ଜାତୀୟ ସମ୍ବଳ ବହୁଧା ବିଭାଜିତ ହେଉଛି। ଗରୀବ ଆହୁରି ଗରୀବ ହେଉଛି। ବେକାରୀ ସମସ୍ୟା ଉତ୍କଟ ହେଉଛି। ବେକାରୀ ଓ ଦାରୀଦ୍ର୍ୟ ବୃଦ୍ଧି ଯୋଗୁ ସମାଜରେ ଅପରାଧ ବଢ଼ି ଚାଲିଛି। ଗୋଟିଏ ବାକ୍ୟରେ କହିଲେ ଜନସଂଖ୍ୟା ବୃଦ୍ଧି ଉଭୟ ସାମାଜିକ ଏବଂ ଅର୍ଥନୈତିକ ସମୃଦ୍ଧିରେ ମୁଖ୍ୟ ପ୍ରତିବନ୍ଧକ। ତେଣୁ ଭାରତରେ ଏବେ ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଆଇନକୁ କଡ଼ାକଡ଼ି କରିବା ସପକ୍ଷରେ ମତ ପ୍ରକାଶ ପାଉଛି। କିଛି ବର୍ଷ ନିମନ୍ତେ ଏହାକୁ ଲାଗୁ କରାଗଲେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଯିବ। କେତେକ ଏହାକୁ ମାନବାଧିକାର ଉଲ୍ଲଙ୍ଘନ ବୋଲି କହୁଛନ୍ତି। ଏହା ବ୍ୟକ୍ତି ସ୍ୱାଧୀନତାକୁ ବିପନ୍ନ କରିବ ବୋଲି କୁହାଯାଉଛି। କିନ୍ତୁ ରାଷ୍ଟ୍ରର ସ୍ୱାର୍ଥ ଆଗରେ ବ୍ୟକ୍ତି ସ୍ୱାର୍ଥକୁ ବଳି ଦିଆଯିବା ନିହାତି ଜରୁରୀ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ ସଂକୀର୍ଣ୍ଣ ଏବଂ ରୁଗ୍‌ଣ ଚିନ୍ତାଧାରା ସମ୍ପନ୍ନ। ଦେଶର ହିତ ପାଇଁ ସେମାନେ ସାମାନ୍ୟ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାଁନ୍ତି। ଏଭଳି ପରିସ୍ଥିତିରେ କଡ଼ା ଆଇନ ପ୍ରଣୟନ ନିହାତି ଜରୁରୀ।

# କୃତ୍ରିମ ଅମରତ୍ୱ

॥ ଡାକ୍ତର ସମ୍ରାଟ କର ॥

*ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି।*

ଯଦି ଆମେ ୮୦ ବର୍ଷ ବୟସରେ ଜନ୍ମଧାରଣ କରି ଧୀରେ ଧୀରେ ୧୮ ବର୍ଷ ଆଡ଼କୁ ଗତି କରିବା, ତେବେ ଜୀବନ ଅନିର୍ଦ୍ଦିଷ୍ଟ କାଳ ଯାଏ ସୁଖଶୀଳ ହୋଇ ରହିପାରିବ ବୋଲି ଆମେରିକାର ଖ୍ୟାତନାମା ସାହିତ୍ୟିକ ମାର୍କ ଟ୍ୱେନ୍ ଦେଇଥିବା ବକ୍ତବ୍ୟ ଯୁଗେ ଯୁଗେ ଏକ ପରିକଳ୍ପନା ହୋଇ ରହିଆସିଛି। ତାହାକୁ ଭିତ୍ତି କରି ଆମ ମନୁଷ୍ୟ ସମାଜ ଯୁବସୁଲଭ ଠାଣିରେ ଅମର ହୋଇ ବଞ୍ଚି ରହିବାର ବାସ୍ତବ ରୂପରେଖ ଶତାବ୍ଦୀ ଶତାବ୍ଦୀ ଧରି ଖୋଜି ଚାଲିଛି। ତେବେ ମନୁଷ୍ୟ ବାସ୍ତବରେ ସର୍ବାଧିକ କେତେ ଦିନ ଯାଏ ବଞ୍ଚିପାରିବ, ତାହାର ଉତ୍ତର ବାହାର କରିବାକୁ ସିଙ୍ଗାପୁରର କିଛି ଗବେଷକ ସେମାନଙ୍କର ଅନୁଧ୍ୟାନ ଜାରି ରଖିଛନ୍ତି। ଏ ପରିପ୍ରେକ୍ଷୀରେ ମନୁଷ୍ୟ ୧୨୦ରୁ ୧୫୦ ବର୍ଷ ଯାଏ ଜୀବନ ଧାରଣ କରିପାରିବ ବୋଲି ଜିରୋ ନାମକ ଜୈବପ୍ରଯୁକ୍ତି କମ୍ପାନୀର ଏହି ଗବେଷକମାନେ କହିଛନ୍ତି।

ନେଚର କମ୍ୟୁନିକେସନ ନାମକ ପତ୍ରିକାରେ ପ୍ରକାଶିତ ସେମାନଙ୍କର ରିପୋର୍ଟ ଅନୁଯାୟୀ, ମୃତ୍ୟୁ ଜୀବନର ଏକ ଅନ୍ତର୍ଭୁକ୍ତ ବା ସ୍ୱାଭାବିକ ଜୈବ ଗୁଣ ଯାହା ବିଭିନ୍ନ ଚାପ ଉପରେ ନିର୍ଭର କରିନଥାଏ। ଆମେରିକା, ରୁଷିଆ ଓ ବ୍ରିଟେନର ବିଭିନ୍ନ ଗୋଷ୍ଠୀର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟାବଳୀକୁ ତର୍ଜମା କରି ସେମାନେ ଏପରି ନିର୍ଯାସ ପାଇପାରିଛନ୍ତି। ଲୋକେ ପ୍ରତ୍ୟହ ନେଉଥିବା ବିଭିନ୍ନ ପଦକ୍ଷେପ ସାଙ୍ଗକୁ ସେମାନଙ୍କ ରକ୍ତକଣିକା ସଂଖ୍ୟାରେ ସଂଘଟିତ ପରିବର୍ତ୍ତନକୁ ସେମାନେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲେ। ମନୁଷ୍ୟର ବୟସ ବଢ଼ିବା ଦ୍ୱାରା ଏପରି ସାର୍ବଜନୀନ ଉପାଦାନ ପ୍ରଦର୍ଶନ କରିଥାଏ ଯାହା ବିଘଟନ ପାଇଁ କାର୍ଯ୍ୟ କରୁଥିବା ଜଟିଳ ପ୍ରକ୍ରିୟା ସହ ସମତୁଲ ବୋଲି ସେମାନେ କହିଛନ୍ତି। ତେଣୁ ବୟସ ବଢ଼ିବା ସହ କୌଣସି ରୋଗ ବାହାରେ ବି ଶରୀରରେ କ୍ଷୟପ୍ରାପ୍ତ ରକ୍ତକଣିକା ସଂଖ୍ୟାର ଭରଣା ପାଇଁ ସାମର୍ଥ୍ୟ କମି କମି ଆସିଥାଏ। ରକ୍ତକଣିକା ସଂଖ୍ୟାରେ ଏପରି ଅଧୋଗତି ହିଁ ସ୍ୱାଭାବିକ ମୃତ୍ୟୁର ଆଗମନକୁ ନିର୍ଦ୍ଧାରଣ କରିଥାଏ। ଏପରି ରକ୍ତକଣିକା ହ୍ରାସରେ ଭରଣା କରିବାର ସାମର୍ଥ୍ୟ ୧୨୦ରୁ ୧୫୦ ବର୍ଷ ଭିତରେ ସମ୍ପୂର୍ଣ୍ଣ ଲୋପ ପାଇଯାଇଥାଏ।

ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି। ଫେସ୍‌ବୁକ ଭଳି ସାରା ପୃଥିବୀର ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଏକାଠି ଯୋଡୁଥିବା ସୋସିଆଲ ନେଟ୍‌ୱାର୍କିଂ ସାଇଟଗୁଡ଼ିକ ଏଭଳି ଏକ କୃତ୍ରିମ ଦୁନିଆ ସୃଷ୍ଟି କରିଛନ୍ତି, ଯେଉଁଠି ଅନେକ ବାସ୍ତବ ମୃତ୍ୟୁ ପରେ ବି ଅମର ହୋଇ ରହିଛନ୍ତି ଅର୍ଥାତ୍ ସେମାନଙ୍କର ଡିଜିଟାଲ ଆତ୍ମା ବଞ୍ଚି ରହିଛି। କଥା ହେଉଛି, ଫେସ୍‌ବୁକ୍‌ରେ ଏଭଳି କୋଟି କୋଟି ମୃତ ଲୋକଙ୍କ ଖାତା ସକ୍ରିୟ ରହିଛି, ଯେଉଁମାନେ ଏ ଧରା ଧାମରୁ କେବେଠୁ ବିଦାୟ ନେଇସାରିଲେଣି।

ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ଫେସ୍‌ବୁକ୍ ଆରମ୍ଭ ହେବାର ଆଠ ବର୍ଷ ପରେ ପ୍ରାୟ ୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମୃତ୍ୟୁ ଘଟିଥିଲା। ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୮ ହଜାର ଫେସ୍‌ବୁକ୍ ସଦସ୍ୟଙ୍କ ମୃତ୍ୟୁ ହୋଇଥାଏ। କିନ୍ତୁ ସେହି ବ୍ୟକ୍ତି ମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ପଠାଇବା ପାଇଁ ଅନ୍ୟ ସଦସ୍ୟମାନଙ୍କୁ ଫେସ୍‌ବୁକ୍ ପକ୍ଷରୁ ମନେ ପକାଇ ଦିଆଯାଇଥାଏ। ପ୍ରକୃତରେ ଏଥିପାଇଁ ଏହି ସାଇଟ୍ ବା ତାର କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇ ହେବନାହିଁ, କାରଣ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଖଞ୍ଜାଯାଇଛି। ଫେସ୍‌ବୁକ୍ ବ୍ୟବହାରକାରୀର ମୃତ୍ୟୁ ହେଲେ ତାର ସୂଚନା ତା ଖାତା (ଆକାଉଣ୍ଟ)ରେ ଦିଆଯିବା ଆବଶ୍ୟକ। ତାପରେ ତାହା ସ୍ମୃତି ଖାତା ହୋଇଯାଏ ଓ ସେହି ବ୍ୟକ୍ତିର ଜନ୍ମଦିନ ଶୁଭେଚ୍ଛା ପଠାଇବା ବନ୍ଦ ହୋଇଯାଏ। ସମସ୍ୟା ହେଉଛି, କୋଟି କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କର ଖାତା ସ୍ମୃତି ହେବା ପାଇଁ ଯେଉଁ ବ୍ୟବସ୍ଥାଟି ରହିଛି, ଜାଣତ ବା ଅଜାଣତରେ ତାର ଠିକ ଉପଯୋଗ ହେଉନାହିଁ। ଆହୁରି ମଧ୍ୟ ଅନେକ ମୃତକଙ୍କ ଖାତାରୁ ସେମାନଙ୍କ ସମ୍ପର୍କୀୟ ସକ୍ରିୟ ରଖୁଥିବା ଜଣାଯାଏ।

 କେବଳ ସେତିକି ନୁହେଁ, ପାଶ୍ଚାତ୍ୟ ଜଗତରେ ଏଭଳି ଡିଜିଟାଲ ଆତ୍ମାକୁ ଅମର ରଖିବା ପାଇଁ ଅର୍ଥାତ୍ ସେହି ବ୍ୟକ୍ତିର ଇଣ୍ଟରନେଟ ଉପସ୍ଥିତିକୁ ସକ୍ରିୟ ରଖିବା ପାଇଁ ସେବା ଯୋଗାଇବାକୁ ମଧ୍ୟ କେତେକ କମ୍ପାନୀ ଖୋଲିଗଲାଣି। ଧରାଧାମରୁ ବିଦାୟ ନେଇସାରିଥିଲେ ହେଁ ଜଣକର ଡିଜିଟାଲ ଅସ୍ତିତ୍ୱ ବା ଡିଜିଟାଲ ଆତ୍ମା ଦୁନିଆରେ ବିଚରଣ କରୁ ବୋଲି ଚାହୁଁଥିବା ଲୋକେ ଉଭଟ ହେଲେ ବି ଏଭଳି ସେବାକୁ ଆପଣାଇଛନ୍ତି।

ଶରୀରର ମୃତ୍ୟୁ ହେଲେ ବି ମଣିଷର ଡିଜିଟାଲ ଅବତାରକୁ ବଞ୍ଚାଇ ରଖାଯାଉଛି ଏଇଥିପାଇଁ ଯେ ଭବିଷ୍ୟତରେ କୌଣସି ବ୍ୟକ୍ତି ସେସବୁ ତଥ୍ୟ, ଫଟୋ ବା ଭିଡ଼ିଓକୁ ଆଧାର କରି ତା ସହ ସମ୍ବନ୍ଧ ଯୋଡ଼ି ପାରିବ। ତାର ଆଚାର, ବିଚାର ଆଦି ସମ୍ପର୍କରେ ଅବହିତ ହୋଇପାରିବ। ଆଜିକାଲି କୋଟି କୋଟି ଲୋକ ଫେସ୍‌ବୁକ୍‌ରେ କଥା, ଚିତ୍ର ବା ଭିଡ଼ିଓ ଉପସ୍ଥାପନ କରି ଆତ୍ମକଥା ଜଣାଇବାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ କରିଦେଲେଣି। ଯଦି ସେମାନଙ୍କ ମୃତ୍ୟୁର ଅନେକ ବର୍ଷ ପରେ କେହି ବନ୍ଧୁ ସେଗୁଡ଼ିକୁ ଦେଖେ, ତାହା ସଂପୃକ୍ତ ବ୍ୟକ୍ତିଟିର ଉପସ୍ଥିତିକୁ ଅନୁଭବ କରାଇଦେବ। ତେଣୁ ଫେସ୍‌ବୁକ୍‌ରେ ଡିଜିଟାଲ ଆତ୍ମାର ଏ ଅମରତ୍ୱ ଅନେକଙ୍କ ପାଇଁ ସାନ୍ତ୍ୱନାର ବିଷୟ ବୋଲି କୁହାଯାଉଛି।

ଆଧୁନିକ ସୂଚନା ପ୍ରଯୁକ୍ତି ଉଦ୍ୟୋଗ ଏହି ଡିଜିଟାଲ ଆତ୍ମାକୁ ଦୀର୍ଘଜୀବୀ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ବାହାର କରୁଛି। କେତେକ ବୈଜ୍ଞାନିକ ଏଭଳି ରୋବଟ ତିଆରି କରୁଛନ୍ତି, ଯେଉଁମାନେ ମୃତ ବ୍ୟକ୍ତି ଭଳି ଦିଶିବେ ଓ ସେମାନଙ୍କ ଭଳି କଥା ବି କହିବେ। ଏହାଦ୍ୱାରା ମୃତକଟି ଅନ୍ୟମାନଙ୍କ ପାଇଁ ଅମର ହୋଇ ରହିବ। ଏହି କୃତ୍ରିମ ଅମରତ୍ୱ ଅନେକଙ୍କୁ ଆକର୍ଷଣୀୟ ଓ ମଜାଦାର ଲାଗୁଥାଇପାରେ। ମାତ୍ର ଏହା ଭିତରେ ଯେ ମଣିଷ ମନର ଦୁର୍ବଳତା ଲୁଚିରହିଛି, ଯାହା ତା ପାଇଁ ବିପଜ୍ଜନକ ତାହା ଜାଣିବା ଆବଶ୍ୟକ। ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ। ଜୀବନ ଯେତିକି ଜରୁରୀ, ମୃତ୍ୟୁ ବି ସେତିକି ଜରୁରୀ। ମଣିଷ ନିଜକୁ ସାନ୍ତ୍ୱନା ଦେବା ପାଇଁ କୃତ୍ରିମ ଅମରତ୍ୱ ସୃଷ୍ଟି ତାକୁ ଦିନେ ଯେ କବରଖାନାର ଭୂତ ହୋଇ ନ ଡରାଇବ, ତାହା କହିହେବ ନାହିଁ। ଡିଜିଟାଲ କବରଖାନାରେ ଥିବା କୋଟି କୋଟି ମୃତକଙ୍କ ସୂଚନା ଆମର ବାସ୍ତବ ପୃଥିବୀକୁ ମଧ୍ୟ ପ୍ରଭାବିତ କରିପାରେ ଅର୍ଥାତ୍ ମଣିଷର ଖୁସିକୁ ବଢ଼ାଇଦେବା ବଦଳରେ ସୁଖୀ ମଣିଷଟିକୁ ମଧ୍ୟ ଖୁବ୍ ଦୁଃଖୀ କରିଦେଇପାରେ। ମୃତ୍ୟୁକୁ ସ୍ୱାଭାବିକ ଭାବେ ମଣିଷ ଗ୍ରହଣ କରିବା ହିଁ ତା ପାଇଁ ଶ୍ରେୟସ୍କର। କୃତ୍ରିମ ଅମରତ୍ୱ କେବଳ ଏକ ଅବୋଧ ପରିକଳ୍ପନା।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ସୁଖ, ଶାନ୍ତି ଓ ସମନ୍ୱୟତାର ପର୍ବ – ଇଦୁଲ୍ ଫିତର

॥ ମୌଲାନା ଫଜଲ ହକ ଖାନ୍ ॥

ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ସାମ୍ପ୍ରଦାୟୀକ ସ୍ନେହ,ସୌହାର୍ଦ୍ଦ୍ୟ ଓ ସଦ୍‌ଭାବନା ଯୋଗୁଁ ଆମ ଦେଶ ବିଶ୍ୱରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି। ପ୍ରତ୍ୟେକ ଧର୍ମ,ସମ୍ପ୍ରଦାୟ ଏବଂ ଜାତିରେ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ । ଆମେ ଭାରତ ବାସୀ ସମସ୍ତେ ଏକତ୍ର ହୋଇ ସକଳ ଧର୍ମର ପର୍ବପର୍ବାଣୀକୁ ହର୍ଷ ଉଲ୍ଲାସର ସହିତ ପାଳନ କରିଥାଉ । ପ୍ରତ୍ୟେକ ପର୍ବପର୍ବାଣୀରେ ସମାଜ ପାଇଁ ଏକ ଶୁଭ ବାର୍ତ୍ତା ଓ ସଂଦେଶ ଦିଆ ଯାଇଥାଏ । ଇଦୁଲ ଫିତର ପର୍ବ ମଧ୍ୟ ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଥାଏ । ଏହା ସମାଜରେ ସ୍ନେହ,ସୌହାର୍ଦ୍ଦ୍ୟ ତଥା ଭାଇଚାରା ଆଣିଥାଏ । ଚତୁର୍ଦ୍ଦିଗରେ ଶୁଖ,ଶାନ୍ତି ଓ ସମନ୍ୱୟତାର ବାତାବରଣ ସୃଷ୍ଟି କରିଥାଏ । ଏ ପର୍ବ ଖାଇବାର ଏବଂ ଖୁଆଇବାର ପର୍ବ ହୋଇଥାଏ। ସେବା ଓ ସାହାଯ୍ୟର ପର୍ବ ହୋଇଥାଏ। ଗରିବର ଦୁଃଖକୁ ବୁଝିବାର ପର୍ବ ହୋଇଥାଏ। ପଡ଼ୋଶୀ ସହ ସହାନୁଭୂତି କରିବାର ପର୍ବ ହୋଇଥାଏ। ପରକୁ ନିଜର କରିନେବାର ପର୍ବ ହୋଇଥାଏ। ଘୃଣା, ଦ୍ୱେଷ, ମନମାଳିନତାକୁ ଭୁଲାଇ ଆଲିଙ୍ଗନ କରିନେବାର ପର୍ବ ହୋଇଥାଏ। ଶତ୍ରୁକୁ ମିତ୍ର କରିନେବାର ପର୍ବ ହୋଇଥାଏ। ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରହିବାକୁ ଦେବାର ପର୍ବ ହୋଇଥାଏ। ଅନୈତିକତା, ଅମାନୁଷିକତା, ଅସଭ୍ୟତା ତଥା କୁକର୍ମ ଉପରେ ବିଜୟୀ ହେବାର ପର୍ବ ହୋଇଥାଏ। ମାନବ ସେବା ହିଁ ମାଧବ ସେବା ବୋଲି ଜାଣିନେବାର ପର୍ବ ହୋଇଥାଏ। ପ୍ରଭୁଙ୍କ ଛାମୁରେ ନିଜକୁ ସମର୍ପଣ କରିଦେବାର ପର୍ବ ହୋଇଥାଏ । ଖାରାପ ଦେଖିବି ନାହିଁ, ଖରାପ କହିବି ନାହିଁ, ଖରାପ ଶୁଣିବି ନାହିଁ ଏବଂ ଖରାପ କାମ କରିବି ନାହିଁର ଶିକ୍ଷାକୁ ଗ୍ରହଣ କରି ନେବାର ପର୍ବ ହୋଇଥାଏ । ପରିଶେଷରେ ଭଲ ମଣିଷଟିଏ ହୋଇ ପରମାତ୍ମାଙ୍କ ଠାରୁ ପରମାନନ୍ଦ ଲାଭ କରିବାର ପର୍ବ ହୋଇଥାଏ ।

ଏହି ଇଦ ପର୍ବରେ କୁନି କୁନି ପିଲାମାନେ ରଂଗ ବିରଂଗ ପୋଷାକରେ ସାଜ ସଜା ହୋଇ ତଥା ଘରର ବୟସ୍କରମାନେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ସୁଗନ୍ଧ ଓ ସୁବାସିତ ଅତର ଲଗାଇ ଅଲ୍ଲାଃଙ୍କ ମହାନତାର ଗୁଣଗାନ କରି ଇଦ ନମାଜ ପଢିବାକୁ ଯାଇଥାନ୍ତି। ଧର୍ମଗୁରୁ ବିଷେଶ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସଜନ ମଣ୍ଡଳିଙ୍କୁ ବିଶ୍ୱଶାନ୍ତି,ଭାଇଚାରା,ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା,ଅଖଣ୍ଡତା କାୟମ କରିବା କ୍ଷେତ୍ରରେ ଶାସକଙ୍କ ସହ ସହଯୋଗ କରିବାର ଉପଦେଶ ଦେଇଥାନ୍ତି। ପରିଶେଷରେ ସକଳ ଜଗତବାସୀଙ୍କ ମଙ୍ଗଳ କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥାଏ । ଘରକୁ ଫେରି ବନ୍ଧୁ ମିଳନ କରାଯାଇଥାଏ । ଜଣେ ଅନ୍ୟ ଜଣକୁ ଆନ୍ତରୀକତା ସହ ସହୃଦୟରେ ଆଲିଙ୍ଗନ କରି, ଇଦ୍ ଶୁଭେଚ୍ଛା ଜଣାଇଥାନ୍ତି।

ଅଲ୍ଲାଃ ପବିତ୍ର କୋରାନରେ ବର୍ଣ୍ଣନା କରିଛନ୍ତି ; ହେ ମାନବ ଜାତି ! ଆମ୍ଭେ ତୁମକୁ ପୁରୁଷ ଓ ସ୍ତ୍ରୀ ମଧ୍ୟରୁ ସୃଷ୍ଟି କରିଛୁ ଏବଂ ନିଜ ନିଜ ମଧ୍ୟରେ ପରିଚିତ ହେବା ପାଇଁ ଅନେକ ଗୋଷ୍ଠୀ ଓ ବଂଶରେ ବିଭକ୍ତ କରିଛୁ । ତୁମମାନଙ୍କ ମଧ୍ୟରେ ଯିଏ ଧର୍ମପରାୟଣ ହୋଇଥାଏ, ସେ ହିଁ ତୁମ ମଧ୍ୟରେ ସର୍ବୋତ୍କୃଷ୍ଟ ଅଟେ ।

ଆମ ଦେଶରେ ଧର୍ମକୁ କେନ୍ଦ୍ରକରି ଅନେକ ଗୋଷ୍ଠୀ ଗଠିତ ଶକ୍ତି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି । ଏଥିରେ କିଛି ମୁଷ୍ଟିମେୟ ଲୋକମାନଙ୍କର ରାଜନୈତିକ ଫାଇଦା ହାସଲ ହୁଏ ସତ, ମାତ୍ର ଜନ ସାଧାରଣଙ୍କର ଅନେକ କ୍ଷୟ କ୍ଷତି ଘଟିଥାଏ । ଘୃଣା ଓ ଅରାଜକତାର ବାତାବରଣ ମଧ୍ୟରେ, ଧର୍ମ ଧର୍ମ ମଧ୍ୟରେ ଘୃଣାର ପ୍ରାଚୀର ଛିଡ଼ା ହୁଏ । ସେହି ଲୋକମାନଙ୍କୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ସାହେବ ଅବଗତ କରାଇ କୁହନ୍ତି; ହେ ଦେଶବାସୀ ! ହିନ୍ଦୁ ଓ ମୁସଲମାନମାନେ ଆପଣା ମଧ୍ୟରେ ସନ୍ଧି ସ୍ଥାପନ କରି ନିଅ ଏବଂ ତୁମ ମଧ୍ୟରୁ ଯେଉଁ ଧର୍ମ ଓ ଜାତି ଏହି ସୌହାର୍ଦ୍ଦ୍ୟ ମୂଳକ ସନ୍ଧି କ୍ଷେତ୍ରରେ ବାଧା ଉପୁଯାଇବାକୁ ଉଦ୍ୟମ କରୁଥାଏ, ସେ ତାହା କରିବାକୁ କ୍ଷାନ୍ତ ରହୁ; ନଚେତ୍ ନିଜ କୃତ ଦୁଷ୍କର୍ମ ଓ ଶତୃତା ଆଚରିତ ସମସ୍ତ ପାପ ସେହି ଜାତିର ବେକ ଉପରେ ହିଁ ପଡ଼ିବ । ଏହା କାହାରିକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେ ଯେଉଁ ବିପଦ ଓ ଅସୁବିଧା ଗୁଡ଼ିକୁ ଅନ୍ୟ କୌଣସି ଉପାୟରେ ସମାଧାନ କରାଯାଇ ପାରିନଥାଏ, ତାହା ଏକତା ଦ୍ୱାରା ହିଁ ସହଜରେ ସମାହିତ ହୋଇଥାଏ । ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ। ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜ ଆତ୍ମ ବଡ଼ିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖେ, ତେବେ ସେ ମଧ୍ୟ ଦିନେ ଅନ୍ୟମାନଙ୍କର ଘୃଣାର ପାତ୍ର ହେବ । ଆଉ ସେମାନଙ୍କ ମଧ୍ୟରୁ ଯଦି କେହି ନିଜ ପଡ଼ୋଶୀଙ୍କୁ ସାହାଯ୍ୟ,ସହାନୁଭୂତି ଦେବାରେ ଅବହେଳା କରେ, ତେବେ ତାର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତି ଗ୍ରସ୍ତ ହେବ । ଯଦି କେହି ତୁମ ଦୁଇ ଜାତି ମଧ୍ୟରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେ ସେହି ବ୍ୟକ୍ତି ପରି, ଯେ କେହି ଯେଉଁ ଡ଼ାଳରେ ବସିଥାଏ, ତାକୁ ହିଁ ହାଣିବାରେ ଲାଗିଥାଏ ।

ଯଦି ବାସ୍ତବିକ ରୂପେ ନିଜ ଦେଶର ବିକାଶ ତଥା ସମୃଦ୍ଧିରେ ଅଗ୍ରସର ହେବାକୁ ଚାହୁଁଛନ୍ତି, ତା ହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେଶପ୍ରେମୀକୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକଙ୍କ ଦ୍ୱାରା ପ୍ରଣୀତ ବିଚାର ଧାରାକୁ ଆପଣେଇବାକୁ ହେବ । ଅହମଦୀୟା ମୁସଲିମ ସଂପ୍ରଦାୟର ୪ର୍ଥ ଖଲିଫା ହଜରତ ମିର୍ଜା ତାହିର ଅହମଦ କୁହନ୍ତି; ଈଶ୍ୱର ଭାରତ ବର୍ଷରେ ଶାନ୍ତି ବିରାଜିତ କରନ୍ତୁ। ଦେଶରେ ଘୃଣା ଓ ହିଂସାର ଯେଉଁ ଲହର ସୃଷ୍ଟି କରାଯାଇଛି ଏବଂ ଜଣେ ଭାରତୀୟ ଅନ୍ୟ ଜଣେ ଭାରତୀୟ ଭାଇର ଯେପରି ରକ୍ତ ପିପାସୁ ସାଜିଛି, ଈଶ୍ୱର ସେହି ସବୁ ଉପଦ୍ରବକୁ ଦୂରକରି ଦିଅନ୍ତୁ । ସମସ୍ତ ଭାରତୀୟଙ୍କୁ ମାନବିୟ ଆଦର୍ଶରେ ଅନୁପ୍ରାଣିତ ହୋଇ,ଏକଜୁଟ ହୋଇ ରହିବାର ସାମର୍ଥ ପ୍ରଦାନ କରନ୍ତୁ । ମନେରଖ ! ଯେଉଁ ବ୍ୟକ୍ତି ମାନବ ଜାତି ସହ ପ୍ରେମ କରେ ନାହିଁ, ସେ ସୃଷ୍ଟିକର୍ତାଙ୍କୁ ମଧ୍ୟ ପ୍ରେମ କରେ ନାହିଁ। ରମଜାନ ଆମକୁ ସ୍ନେହ, ସୌହାର୍ଦ୍ଦ୍ୟ, ସମ୍ମାନ, ଭାତୃଭାବ, ତ୍ୟାଗ ଓ ମୈତ୍ରୀତାର ଉଚିତ୍ ଶିକ୍ଷା ଦେବାକୁ ଆସିଥାଏ । ଆସନ୍ତୁ ଆମେ ଏହି ପଙ୍କ୍ତିର ପ୍ରକୃତ ମର୍ମକୁ ବୁଝି ଭାରତମାତାର ଟେକ ବଜାୟ ରଖବା । ''ହିନ୍ଦ,ମୁସଲିମ,ଶିଖ,ଇସାଇ ହମ୍ ସବ୍ ହେଁ ଭାଇ ଭାଇ /ଭାଇକୋ ହୈ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା !'' ଖୁଦା ହାଫିଜ୍ । ସବ୍‌କୋ ଇଦ୍ ମୁବାରକ୍।

ଭୁବନେଶ୍ୱର-୯୬୯୨୨୨୫୦୫୭

# ସାହିତ୍ୟପ୍ରାଣ ରାଜନେତା ନା ରାଜନୀତିରେ ସକ୍ରିୟ ସାହିତ୍ୟିକ !

॥ ରଘୁନାଥ ମହାପାତ୍ର ॥

ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତଥା କେନ୍ଦ୍ରମନ୍ତ୍ରୀ ହୋଇଥିବା ତଥା ଦୀର୍ଘ ସମୟ ଧରି ରାଜ୍ୟ ରାଜନୀତିର କେନ୍ଦ୍ର ହୋଇ ରହିଥିବା ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ ଜଣେ ସାହିତ୍ୟପ୍ରାଣ ରାଜନେତା ଥିଲା ନା ରାଜନୀତିରେ ସକ୍ରିୟ ଥିବା ଜଣେ ସାହିତ୍ୟିକ ଥିଲେ, ତାଙ୍କ ସାହିତ୍ୟ କୃତିକୁ ଦେଖିଲେ ଯେକେହି ଦ୍ୱନ୍ଦ୍ୱରେ ପଡ଼ିବା ସ୍ୱାଭାବିକ। ତେବେ ଉଭୟ ରାଜନୀତି ଓ ସାହିତ୍ୟରେ ସଫଳ ହୋଇଥିବା ଓଡ଼ିଆଙ୍କ ଭିତରେ ସେ ଯେ ଶେଷତମ ପ୍ରତିନିଧି ଥିଲେ, ଏଥିରେ ସନ୍ଦେହ ନାହିଁ। ପ୍ରାୟ ୧୪ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ଶ୍ରୀ ପଟ୍ଟନାୟକ ରାଜନୀତିର ବ୍ୟସ୍ତବହୁଳ ଜୀବନ ଭିତରେ ଯେଉଁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି, ତା'ର ତାଲିକା ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। କେବଳ ଓଡ଼ିଆରେ ନୁହେଁ, ସଂସ୍କୃତରେ ତାଙ୍କର ପାଣ୍ଡିତ୍ୟ ଜାତୀୟସ୍ତରରେ ମଧ୍ୟ ସ୍ୱୀକୃତ। ସେ କବିତାରୁ ତାଙ୍କ ସୃଜନ ଯାତ୍ରା ଆରମ୍ଭ କରିଥିଲେ। ଖୋର୍ଦ୍ଧା ହାଇସ୍କୁଲରେ ପଢୁଥିବା ସମୟରେ ସ୍କୁଲ ପତ୍ରିକା ଅବକାଶରେ ପ୍ରକାଶିତ ହୋଇଥିଲା ତାଙ୍କର ପ୍ରଥମ କବିତା ଅଶୋକ। ସେଥିରେ ଥିଲା ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିବା ରାଜା ଅଶୋକଙ୍କ ଗୁଣଚର୍ଚ୍ଚା। ତାପରେ କବିତା ଲେଖା ଜାରି ରହିଲା ମଧ୍ୟେ ମଧ୍ୟେ ପ୍ରବନ୍ଧ। ସିନ୍ଧୁ ଉପତ୍ୟକା ତାଙ୍କର ଏକମାତ୍ର ପ୍ରକାଶିତ କବିତା ସଂକଳନ, ସେଥିରେ ଅଛି ୧୯୪୮ରୁ ୧୯୮୭ ମସିହା ମଧ୍ୟରେ ଦୀର୍ଘ ୪୦ ବର୍ଷ ଭିତରେ ସେ ଲେଖିଥିବା ୨୬ଟି ନିର୍ବାଚିତ କବିତା। ପରିମାଣ ଦୃଷ୍ଟିରୁ ୨୭ଟି କବିତା ବିଶେଷ ଅଧିକ ନୁହେଁ ଯଦିଓ, ଏହାର ଗୁଣାତ୍ମକ ଦିଗଟି ବେଶ୍ ବ୍ୟାପକ। ଏ ସଂକଳନଟି ହିନ୍ଦୀ, ବଙ୍ଗଳା ଓ ଅହମୀୟା ଭାଷାରେ ଅନୂଦିତ ହୋଇ ବେଶ୍ ଆଦୃତ ହୋଇଛି।

ତାଙ୍କର ଦୁଇଟି ପ୍ରବନ୍ଧ ସଂକଳନ ପ୍ରକାଶିତ ସ୍ୱପ୍ନ ଓ ସଂକଳ୍ପ ଓ ନିର୍ବାଚିତ ପ୍ରବନ୍ଧ ସଂକଳନ। ଏ ପ୍ରବନ୍ଧଗୁଡ଼ିକର ସବୁଠାରୁ ଉଲ୍ଲେଖନୀୟ ଦିଗଟି ହେଉଛି, ଏଗୁଡ଼ିକର ବିଷୟବସ୍ତୁ, ଆଶ୍ଚର୍ଯ୍ୟଜନକ ଭାବେ ବିସ୍ତୃତ। ସେଥିରେ ରାଜନୀତି, ସଂସ୍କୃତି, ଇତିହାସ, ଧର୍ମ, ସାହିତ୍ୟ, ସମାଜ ଚେତନା, ପରିବେଶ ଆଦି ବିବିଧ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ସବୁ ଲେଖାରୁ ଲେଖକଙ୍କର ପାଣ୍ଡିତ୍ୟ, ବିସ୍ତୃତ ପଠନ ଓ ଅଭିଜ୍ଞତାର ସ୍ପଷ୍ଟ ପ୍ରମାଣ ମିଳେ। ତେବେ ଖବରକାଗଜର ସ୍ତମ୍ଭରେ ତଥା ଅନ୍ୟ କିଛି ପତ୍ରିକାରେ ସେ ଲେଖିଥିବା ଆହୁରି ଅନେକ ପ୍ରବନ୍ଧ ବା ନିବନ୍ଧ ସଂକଳିତ ହୋଇନାହିଁ। କେବଳ ରାଜନୀତି, ସଂସ୍କୃତି ବା ସାହିତ୍ୟକୁ ନେଇ ନୁହେଁ, କ୍ରୀଡ଼ାକୁ ନେଇ ମଧ୍ୟ ସେ ନିବନ୍ଧ ଲେଖିଛନ୍ତି। ପରିଣତ ବୟସରେ ଫୁଟବଲ୍ ବିଶ୍ୱକପ୍ ଉପରେ ସେ ଲେଖିଛନ୍ତି। ଏଥିରୁ ବିଷୟ ଚୟନ ମାମଲାରେ ତାଙ୍କ ପ୍ରବନ୍ଧଗୁଡ଼ିକ କେତେ ବିବିଧଅନୁମାନ କରାଯାଇପାରେ। ସଂସ୍କୃତରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ଶ୍ରୀ ପଟ୍ଟନାୟକ ଅନୁବାଦ କ୍ଷେତ୍ରରେ ବୋଧହୁଏ ସବୁଠାରୁ ଅଧିକ ସଫଳତା ହାସଲ କରିଛନ୍ତି। ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ତିନିଟି ଯାକ ପ୍ରମୁଖ ମହାଭାରତୀୟ ମହାଗ୍ରନ୍ଥର ଗଦ୍ୟାନୁବାଦ ସେ କରିଛନ୍ତି। ସେ ଅନୁବାଦର ଶୈଳୀ ଯେତିକି ପାଣ୍ଡିତ୍ୟପୂର୍ଣ୍ଣ ସେତିକି ସାବଲୀଳ। ଭର୍ତ୍ତୃହରିଙ୍କ ଶତକ ତ୍ରୟର ଓଡ଼ିଆ ଅନୁବାଦ ଶ୍ରୀ ପଟ୍ଟନାୟକଙ୍କ ସୃଜନ ଦକ୍ଷତା ଏବଂ ସଂସ୍କୃତ ଜ୍ଞାନର ସୁନ୍ଦର ପ୍ରମାଣ ବହନ କରେ। ଏହି ଅନୁବାଦ ପାଇଁ ସେ ଅନୁବାଦ ବିଭାଗରେ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇଥିଲେ। କେବଳ ସେତିକିନୁହେଁ ଦୁଇଖଣ୍ଡରେ ପ୍ରକାଶିତ ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସମାଳାର ଅନୁବାଦ ପାଇଁ ସେ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ସମ୍ମାନ। ଶ୍ରୀ ପଟ୍ଟନାୟକଙ୍କର ଅନ୍ୟ ପ୍ରକାଶିତ ଲୋକପ୍ରିୟ ବହିଗୁଡ଼ିକ ଭିତରେ ରିଛି ଗୌତମ ବୁଦ୍ଧ ଓ ରାମକୃଷ୍ଣ କଥାମୃତର ସୁନିର୍ବାଚିତ ପୁନକଥନ ମାଲୁଣୀର ଫୁଲ। ଜଣେ ସୁସାହିତ୍ୟିକ ବିଦ୍ୱାନ ଓ ପ୍ରଖ୍ୟାତ ସାମ୍ବାଦିକତା ପରି ସୃଜନଶୀଳ ଗୁଣରେ ପରିପୂର୍ଣ୍ଣ ଥିଲେ ଜାନକୀବଲ୍ଲଭ। ଓଡ଼ିଆ ସାହିତ୍ୟ କେବଳ ନୁହେଁ ସର୍ବଭାରତୀୟ ଭାଷା ସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ କାଳଜୟୀ ହୋଇ ରହିବ।

ସତ୍ୟଶ୍ରୀ ନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୫ ଅନୁଷ୍ଠିତ




କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୫ ର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ତା ୧୦.୦୫.୨୦୨୫ ରିଖ (ଶନିବାର) ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ, ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଶୁଭଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୧୧ ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ଟ. ୧,୬୧,୨୦,୦୦୦/- ପ୍ରଦାନ କରାଯାଇଥିଲା । ସେହିପରି ୨୭ ଟି ଦେବାନୀ ମକଦ୍ଦମା ଫଇସଲା ହୋଇ ଟ. ୧,୪୫,୦୦୦ ସମାଧାନ କରାଯାଇଥିଲା । ବିଚାର ଯୋଗ୍ୟ ୨୩୦ ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା ଏବଂ ଘଓ ଇମସ୍ଥ ଉବସ୍ଥରସ୍ଥ (ଦଫା-୧୩୮) ୦୫ ଟି ଫଇସଲା କରାଯାଇ ଟ.୭୦,୮୦୦ /- ଆଦାୟ କରାଯାଇଥିଲା । ବିବାହ ଜନିତ ମକଦମା ୬ ଗୋଟି ଫଇସଲା କରାଯାଇଥିଲା । ରାଜସ୍ୱ ମକଦ୍ଦମା ୨୦୩୫ ଟି ଫଇସଲା କରାଯାଇ ଟ.୪,୬୪,୭୬୧ ଆଦାୟ କରା ଯାଇଥିଲା ଓ ୩୦୩ ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ଟ.୭୪,୦୪,୮୭୫. ଆଦାୟ କରାଯାଇଥିଲା । ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜଜ୍, ସୁଦିପ୍ତା ଦେହୁରି, ସଚିବ ଜିଲ୍ଲା ଆଇନ ସେବା ପ୍ରାଧୁକରଣ, କଳାହାଣ୍ଡି, ସୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ୍ (ମହିଳା ଅଦାଲତ୍)ରଶ୍ମୀରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତି ସୁମିତ୍ରା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ । ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ଯଦୁମଣି ମିଶ୍ର, ରେଜିଷ୍ଟ୍ରାର ଚରଣଜିତ୍ ଓରାମ ପ୍ରମୁଖ ଉପସ୍ଥିତ ଥିଲେ ।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ନବରଙ୍ଗପୁର, (ମହାଭଭାରତ) : ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତି ୦୪ (ଗୋଟି) ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବି (ଗଇଉଞ୍ଚ) ବାବଦକୁ ଫଇସଲା କରି ଟ.୩୧,୩୨,୭୬୦/- କ୍ଷତିପୁରଣ ଆଦାୟ କରିଛନ୍ତି । ପରିବାର ବିଚାର ବିଭାଗୀୟ ଜର୍ଜ ଲିଲିପ୍ତା ପସାୟତ ୧୦(ଗୋଟି) ପାରିବାରିକ ବିବାଦ କେସ ସମାଧାନ କରିଛନ୍ତି ସେଥିମଧ୍ୟରୁ (୦୨) ଦୁଇ (ଗୋଟି) କେସରେ ଦୀର୍ଘ ଦିନ ବିବାଦର ଅନ୍ତ ଘଟାଇ ଦମ୍ପତ୍ତୀଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇଛନ୍ତି । ବରିଷ୍ଟ ଦେବାନୀ ଜର୍ଜ ମୋନିତା ତ୍ରିପାଠୀ ୦୩ଟି ବ୍ୟାଙ୍କ ଋଣଦେୟ ସମ୍ବନ୍ଧିୟ ବିବାଦର ଫଇସଲା କରି ଟ.୨,୨୭,୨୫୪ ଟଙ୍କା ଋଣ ଆଦାୟ କରିଛନ୍ତି ଓ ୧ ଟି ଦେବାନୀ କେସ ଫଇସଲା କରିଛନ୍ତି । ବରିଷ୍ଟ ଦେବାନୀ ଜର୍ଜ ୱିମେନ୍ସ କୋର୍ଟ ୦୪ ଟି ଫୌଜଦାରୀ ମକଦ୍ଦମା, ସେହିଭଳି ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ, ନବରଙ୍ଗପୁର ସୌମ୍ୟ ଶଙ୍କର ମହନ୍ତ ୯୩ ଟି ଫୌଜଦାରୀ ମକଦ୍ଦମାର ଫଇସଲା କରିଛନ୍ତି ଓ ୦୩ ଟି ଏନ ଆଇ ଆକ୍ଟ କେସ ସମାଧାନ କରିଛନ୍ତି । ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଙ୍କିତା ପାଣିଗ୍ରାହୀ ୧ଟି ଫୌଜଦାରୀ ମକଦ୍ଦମା ସମାଧାନ କରିଛନ୍ତି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ସର୍ବମୋଟ ୨୦୧ଗୋଟି କୋର୍ଟ କେସ ଓ ୧୫,୪୦୭ ଗୋଟି ରାଜସ୍ୱ କେସର ଫଇସଲା କରାଯାଇ ଟ.୪,୭୦,୩୦୩/- ରାଜସ୍ୱ ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କର ୯ ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ଟ.୧,୯୮,୧୦୦ /- ଋଣ ଆଦାୟ କରାଯାଇଛି । ଟିପିଏସଓଡ଼ିଏଲ ୫୫୯ ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ଟ.୮୪,୬୨,୪୬୩ /- ବିଦ୍ୟୁତ ଦେୟ ବାବଦକୁ ଆଦାୟ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ଶ୍ରୀମତୀ ସୀମା ତ୍ରିପାଠୀ ଓ ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା ଯୋଗ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିସା ଗୋଛାୟତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିବା ବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ ପରିବାର



ଫୁଲବାଣୀ, (ମହାଭାରତ) : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଂଚାୟତ ଅନ୍ତର୍ଗତ ଟେଲା ପାଲି ଗ୍ରାମର ଶିବାଜୀ ରଣା (୫୩) ଜନ୍ମରୁ ଦୃଷ୍ଟିହୀନ ହୋଇଥିବା ବେଳେ ସ୍ତ୍ରୀ ସୁନ୍ଦରୀ ରଣା (୪୭) ମଧ୍ୟ ମାନସିକ ବିକଳାଙ୍ଗ । ତାଙ୍କ ଗୋଟିଏ ବୋଲି ଝିଅ କାଜଲ ରଣା (୧୮) ମଧ୍ୟ ଭିନ୍ନକ୍ଷମ । ଏହି ଭିନ୍ନକ୍ଷମ ପରିବାରକୁ ଅନେକ ବର୍ଷ ତଳେ ଏକ ଇନ୍ଦିରା ଆବାସ ଘର ମିଳିଥିଲା । ତାହା ଏବେ ଦୟନୀୟ ଅବସ୍ଥାରେ ରହିଛି । ଘର ଅତି ପୁରୁଣା ହୋଇଥିବାରୁ ଘର କାନ୍ଥ ସବୁ ଫାଟି ଆଁ କଲାଣି । କେତେବେଳେ ଯେ ଭୁଶୁଡି ପଡିବ କହି ହେବ ନାହିଁ । ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି ଏହି ଭିନ୍ନକ୍ଷମ ପରିବାର ହେଲେ ପ୍ରଶାସନ ଆଖିକୁ ଏ ପରିବାରର ଦୁଃଖ ଦେଖାଯାଉନି । ଭିନ୍ନକ୍ଷମ ହିସାବରେ ବାପ, ଝିଅ ଓ ସ୍ତ୍ରୀ ଙ୍କୁ ଭତ୍ତା ଟଙ୍କା ମିଳୁଛି । ଅନ୍ୟପଟେ ସ୍ତ୍ରୀ ସୁନ୍ଦରୀ ଏଘର ସେଘର ବୁଲି ଅନ୍ୟ ମୂଲ ଲାଗି ଯାହା କିଛି ବି ଧରିକି ଆସୁଛି ସେଥିରେ ୩ ପ୍ରାଣୀଙ୍କ ପେଟ ପାଇଁ ଦାନାର ଯୋଗାଡ଼ କରୁଛନ୍ତି । ଶିବାଜୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଅନେକ ଥର ଆବେଦନ କରିଥିଲେ ମଧ୍ୟ ପ୍ରଶାସନ ଶିବାଜୀଙ୍କ ପରିବାର ପାଇଁ ଘର ଖଣ୍ଡେ ଯୋଗେଇ ଦେଉନଥିବା ଅଭିଯୋଗ ହେଉଛି । ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ବିଡ଼ିଓଙ୍କ ନିକଟକୁ ବାରମ୍ବାର ଘର ଆଶାରେ ଦୌଡ଼ିଛନ୍ତି ହେଲେ ପ୍ରଶାସନିକ ଅଧିକାରୀ ମାନେ ସେକେଣ୍ଡ ଲିଷ୍ଟରେ ଆସିବ ବୋଲି କହି ଦିନ ଗଡାଉ ଥିବା ସେ କହିଛନ୍ତି ।

# ଲାଞ୍ଜିଗଡ ଦୁର୍ଗମ ଅଞ୍ଚଳରେ ଜଳ କଷ୍ଟ

କଳାହାଣ୍ଡି, (ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତଠାରୁ ୭ କିମି ଦୂରରେ ଥିବା ଗାଁ ଭିତରଧଡେଲରେ ଦେଖା ଦେଇଛି ଗମନାଗମନ ଓ ପାନୀୟ ଜଳ ସଙ୍କଟ ।ଏହି ଗାଁରେ ନଳକୂପ ନଥିବା ଯୋଗୁଁ ବର୍ଷ ବର୍ଷ ଧରି ଝରଣା ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି ।ଖରାଦିନେ ଝରଣା ପାଣି ଶୁଖିଯିବା ଫଳରେ ପାଣି ମୁନ୍ଦାଏ ପାଇଁ ତହଳ ବିକଳ ହୋଇଥାନ୍ତି ।ଏପଟେ ଆଦିବାସୀ ବା କୁଟିଆ କନ୍ଧଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ସରକାର ବିକାଶର ନାରା ପିଟୁଛି ହେଲେ ଏଠି ପହଞ୍ଚି ପାରୁନି ସରକାରଙ୍କ ବିଭିନ୍ନ ଯୋଜନା ।ଏହି ଗାଁରେ ପ୍ରାୟ ୧୫ ଘର ଆଦିବାସୀ ବା କୁଟିଆ କନ୍ଧ ପରିବାର ଦୀର୍ଘ ବର୍ଷ ଧରି ବସବାସ କରୁଛନ୍ତି କିନ୍ତୁ ଏହି ଗାଁର ମୁଖ୍ୟ ସମସ୍ୟା ହେଉଛି ରାସ୍ତା ଓ ପାନୀୟ ଜଳ ।ମୂଷାନାଳ ଠାରୁ ବେନଗାଁ କୁ ସଂଯୋଗ କରୁଥିବା ମୁଖ୍ୟ ପିଡବ୍ଲୁଡି ରାସ୍ତାର ଧଡେଲ ଗାଁ କଲୋନୀ ପଡାଠାରୁ ପୂର୍ବ ଦିଗରେ ଦୁଇ କିମି ଦୂରରେ ଏହି ଗାଁ ରହିଛି ।ଗାଁକୁ ପାଦ ଚଲା ଜଙ୍ଗଲୀ ରାସ୍ତା



ରହିଥିବା ବେଳେ କିଛି ଅଂଶ ବନ ବିଭାଗର କଟକଣା ରହିଛି ହେଲେ ରାସ୍ତା ନଥିବା ଯୋଗୁଁ ଗାଁର ବିକାଶ ମୂଳକ କାମ ହୋଇ ପାରୁନଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି ।ସେହିପରି ଏହି ଗାଁରେ ମୂଳରୁ ନଳକୂପ ନ ଥିବା ଯୋଗୁଁ ଏକ କିଲୋମିଟର ଦୂର ଘାଟି ରାସ୍ତା ଦେଇ ଟିଟି ଝରଣାର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି ।ବର୍ଷା ଦିନରେ ପାଣି ଗୋଳିଆ ଓ ଖରା ଦିନରେ ଟିଟି ଝରଣା ପାଣି ସୁଖୀ ଯିବାରୁ ନାଇଁ ନଥିବା ଅସୁବିଧା ଭୋଗିବାକୁ ପଡୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।ଏନେଇଁ ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନ କୁ ଜଣାଇ ଥିଲେ ମଧ୍ୟ ପ୍ରଶାସନ ଶୁଣୁନଥିବା ଗାଁ ଲୋକେ କହିଛନ୍ତି ।ଏହି ଝରଣା ପାଣିରେ ବିଭିନ୍ନ ବନ୍ୟ ଯନ୍ତୁ ଓ ଗୃହ ପାଳିତ ପ୍ରାଣୀ ଚଳପ୍ରଚଳ କରୁଥିବାବେଳେ ସେହି ଝରଣାର ଦୂଷିତ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରି ଅନେକ ରୋଗରେ ଆକ୍ରାନ୍ତ ହେଉଛୁ ବୋଲି ପ୍ରକାଶ କରିକରିଛନ୍ତି ଗ୍ରାମବାସି । ଅନେକ ଏନଜିଓ ବା ସରକାରୀ ସଂସ୍ଥା ଲାଞ୍ଜିଗଡ ବ୍ଲକରେ କାର୍ଯ୍ୟ କରୁଛନ୍ତି କିନ୍ତୁ କାଗଜ କଲମରେ ହିଁ କାର୍ଯ୍ୟ ସୀମିତ ରହୁଛି ବୋଲି ଲୋକେ ପ୍ରକାଶ କରିଛନ୍ତି ।ଭିତର ଧଡେଲ ଗାଁ ହିଁ ସୂଚିତ କରୁଛି ଯେ କୁଟିଆ କନ୍ଧଙ୍କ ଉନ୍ନତି ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଚାଲି ଥିବା ବିଭିନ୍ନ ଯୋଜନା କିଛି କାମକୁ ନାହିଁ ।ଆଦିବାସୀଙ୍କ ବିକାଶ ନାରେ ଆସୁଥିବା ଟଙ୍କା ହରି ଲୁଟ ହେଉଛି କିନ୍ତୁ ଏହି ଆଦିବାସୀ ଗାଁ ପାଇଁ କାହାର ଦରଦ ନାଇଁ । ଏନେଇ ବେନଗାଁ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ଗାଁକୁ ଯିବାପାଇଁ ୨ କିମି ଦୂର ପାଦ ଚଲା ରାସ୍ତା ରହିଥିବା ବେଳେ ପ୍ରଥମରେ କିଛି ରେଭନ୍ୟୁ ଫରେଷ୍ଟ ଜଙ୍ଗଲ ରହିଛି ।ସେଥିପାଇଁ ପଞ୍ଚାୟତ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅର୍ଥ ମଞ୍ଜୁର ହୋଇ ମଧ୍ୟ କାମ ହେଉନାହିଁ ।ଜିଲ୍ଲା ସ୍ତରରେ ଅଭିଯୋଗ ପରେ ଆର୍ଡି ବିଭାଗ ପକ୍ଷରୁ ଆସି ତଦନ୍ତ କରି ଯାଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ତେବେ ଗାଁର ସମସ୍ୟା ପ୍ରତି କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜନପ୍ରତିନିଧି ମାନେ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବହୁ ଚର୍ଚ୍ଚିତ ଉଦୟମୁନି ହତ୍ୟାକାଣ୍ଡର ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଶୁଣାଣି

ଆସିକା, (ମହାଭାରତ): ବହୁ ଚର୍ଚ୍ଚିତ ଆସିକା ତାଲୁକା ରୋଡ଼ ବାସିନ୍ଦା ଉଦୟ ମୁନି ହତ୍ୟା ଘଟଣାର ରାୟ ଆଜି ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର ଅଭିଯୁକ୍ତ ମୁକେଶ ଆନନ୍ଦକୁ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି । ପ୍ରକାଶ ଥାଉକି ଗତ ୧୩/୦୭/୨୦୨୪ ମସିହାରେ ଆସିକା ଏନଏସି କଲୋନୀ ୱାର୍ଡ ନମ୍ବର ୧୦ ରେ ଗୋଟିଏ ଚାହା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦିବ୍ୟାଙ୍ଗ ଉଦୀୟ ମୁନୀ ଘଟଣା ଦିନ ଅପରାହ୍ନ ପ୍ରାୟ ୨ ଟା ସମୟରେ ପ୍ରବଳ ବର୍ଷା ହେଉଥିଲା ଉଦୟ ନିଜ ଘର ବାରଣ୍ଡା ନିଜ ଦୋକାନରେ ବସିଥିବା ସମୟରେ ଆସିକା ଜୋକବନ୍ଧ ସାହିର ମୁକେଶ ଆନନ୍ଦ (୩୫) ପିତା କୁମାର ଆନନ୍ଦ ନାମକ ଜଣେ ଯୁବକ ଅଚାନକ ତାଙ୍କ ଦୋକାନରେ ପଶି ପ୍ରଥମେ ଗୋଟିଏ ପଥରରେ ଆକ୍ରମଣ କରିବା ପରେ ଉଦୟଙ୍କ ସ୍ତ୍ରୀ ମମତା ମୁନି ନିଜ ସ୍ୱାମୀକୁ ରକ୍ଷା କରିବାକୁ ଯାଇଥିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରି ଲହୁ ଲୁହାଣ କରିଥିଲା । ଏହା ପରେ ପାଖରେ ଥିବା ଦିବ୍ୟାଙ୍ଗ ମାନସିକ ବିକାର ଗ୍ରସ୍ତ ଝିଅ କୁ ଘର ଭିତରକୁ ଟାଣି ନେଇ ଭିତର ପଟୁ କବାଟ ଦେଇ ବଳାତ୍କାର କରିଥିଲା । ଏହି ଘଟଣା ଘଟୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଓ ଆସିକା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ କସରତ କରିବା ପରେ ଉକ୍ତ ଯୁବକ ପୋଲିସ କୁ ଇଟା ପଥର ଫୋପାଡ଼ି ଚକମା ଦେଇ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ କାବୁ




କରିଥିଲାକ୍ଷ ପରେ ପୋଲିସ ଉଭୟ ଉଦୟ, ମମତା ଓ ତାଙ୍କ ଝିଅ କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରିଥିଲା ।। ତେବେ ଏଠାରେ କାର୍ଯ୍ୟରତ ଡାକ୍ତର ଉଦୟଙ୍କ ମୃତ୍ୟୁ ଘୋଷଣା କରିଥିଲେ । ଉକ୍ତ ଘଟଣା ସମ୍ପର୍କରେ ମୃତ ଉଦୟ ଙ୍କ ସ୍ତ୍ରୀ ମମତା ମୁନି ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ପକ୍ଷରୁ ୪୭୫/୨୪ ରେ ମାମଲା ରୁଜୁ କରି ତତ୍କାଳୀନ ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଉକ୍ତ ମାମଲା ଟିକୁ ବରିଷ୍ଠ ଏସ ଆଇ ତଥା ମହିଳା ଡେସ୍କ ଅଧିକାରୀ ଅମ୍ବିକା ବେଣିଆ ଙ୍କୁ ତଦନ୍ତ ଭାର ପ୍ରଦାନ କରିଥିଲେ । ପୋଲିସ ଅଫିସର ଅମ୍ବିକା ବେଣିଆ ଘଟଣାର ସରଜମିନ ତଦନ୍ତ କରି ଧାରା ୭୪, ୭୫(୨),୭୬, ୩୩୧(୫), ୧୧୫(୨), ୧୨୬(୨), ୧୦୩(୧), ୧୦୯(୧), ୧୩୨, ୬୪,୬୪(୨କେ) ଓ ୨୧ଜଣ ସାକ୍ଷୀ ଓ ୨୮ଗୋଟି ପ୍ରମାଣ ଦସ୍ତାବିଜ ସହିତ ଚାରସିଟ ଦାଖଲ କରିଥିଲେ । ଆଜି ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର କେସ ନମ୍ବର ଏସଟି ୧୬୮/୨୪ ର ସମସ୍ତ ସାକ୍ଷ ପ୍ରମାଣ କୁ ଭିତ୍ତି କରି ଅଭିଯୁକ୍ତ ମୁକେଶ ଆନନ୍ଦ କୁ ଉଦୟ ମୁନି ର ହତ୍ୟା ମାମଲାରେ ୨୦ବର୍ଷ କାରାଦଣ୍ଡ ସହିତ ୧୦୦୦୦ ଜୋରିମାନା ଅନାଦୟେ ୬ମାସ କାରାଦଣ୍ଡ, ମମତା ମୁନି କୁ ହତ୍ୟା ଉଦ୍ୟମ ମାମଲାରେ ୧୦ବର୍ଷ କାରାଦଣ୍ଡ ସହିତ ୨୦୦୦ ଜୋରିମାନା ଅନାଦୟେ ୨ମାସ କାରାଦଣ୍ଡ, ଦିବ୍ୟାଙ୍ଗ ଝିଅକୁ ବଳାତ୍କାର କରିଥିବା ମାମଲାରେ ୧୪ବର୍ଷ ସହିତ ୧୦୦୦୦ ଜୋରିମାନା ଅନାଦୟେ ୬ମାସ କାରାଦଣ୍ଡ, ଜବରଦସ୍ତ ଘରେ ପଶିବା ମାମଲାରେ ୫ବର୍ଷ ସହିତ ୨୦୦୦ ଜୋରିମାନା ଅନାଦୟେ ୨ମାସ କାରାଦଣ୍ଡ, ଘରେ ଅଟକାଇବା ମାମଲାରେ ୧ମାସ କାରାଦଣ୍ଡ, ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ମାମଲାରେ ୧ମାସ ସହିତ ୧୦୦୦ ଜୋରିମାନା ଅନାଦୟେ ୧ମାସ କାରାଦଣ୍ଡ ଏହିପରି ଭାବେ ଆଜୀବନ କାରାଦଣ୍ଡ ଶୁଣାଣି କରିଛନ୍ତି । ଏହି ମାମଲାକୁ ସରକାରୀ ଆଇନଜୀବି ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ ।

## ଜିଓ ଇଣ୍ଟରନେଟ୍ ସମସ୍ୟା ହନ୍ତସନ୍ତ ଗ୍ରାହକ

ବିଷମ କଟକ, (ମହାଭାରତ): ବିଗତ ସାତ ଦିନ ହେବ ରାୟଗଡ଼ା ଜିଲ୍ଲା ବିଷମ କଟକ ଅଞ୍ଚଳରେ ଜିଓ ୫ଜି ଇଣ୍ଟରନେଟ୍ ସମସ୍ୟା ଯୋଗୁଁ ନାହିଁ




ନଥିବା ସମସ୍ୟା ର ସମ୍ମୁଖୀନ ହେଉଛନ୍ତି ଜିଓ ଗ୍ରାହକ । ଚଳିତ ସମୟରେ ଲୋକମାନଙ୍କ ଦୈନନ୍ଦିନ ଜୀବନର ମୋବାଇଲ ଓ ଇଣ୍ଟରନେଟ୍ ଏକ ମୂଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଲୋକଙ୍କ ନୀତି ଆବଶ୍ୟକୀୟ କାର୍ଯ୍ଯ ଯଥା, ବ୍ୟାଙ୍କ ଲେଣ ଦେଣ,ଅଫିଶିଆଲୀ କର୍ଯ୍ୟ, ସୂଚନା ଲେଣ ଦେଣରେ ଇତ୍ୟାଦି କ୍ଷେତ୍ରରେ ମୋବାଇଲ ନେଟ୍ ୱ୍ୱର୍କ ମୂଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହିଭଳି କ୍ଷେତ୍ରରେ ଜିଅ ୫ଜି ନେଟ ୱ୍ୱାର୍କ ଅଞ୍ଚଳରେ ଗ୍ରାହକ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉ ଥିବା ବେଳେ ଅଞ୍ଚଳରେ ସପ୍ତାହ ହେବ ଜି ୫ଜି ନେଟ୍ ୱ୍ୱର୍କ କାର୍ଯ୍ୟକାରୀ କରୁନଥିବା ଫଳରେ ଗ୍ରାହକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଉଥିବା ଦେଖିବାକୁ ମିଳୁଛି । ଏନେଇ ଗ୍ରହକ ଜିଓ ସହ ବାରମ୍ବାର ଅନଲାଇନ ଓ ଜୀଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସମାଧାନ ପାଇନଥିବା ଅଭିଯୋଗ ଆସିଛି । ଏହି ସମସ୍ୟାର ସମାଧାନ ଖୁପ୍ ଶୀଘ୍ର କରିବା ପାଇଁ ଅଞ୍ଚଳର ଗ୍ରାହକ ଅଭିଯୋଗ କରିଛନ୍ତି ।

## ସ୍ୱର୍ଗତ ଅକ୍ଷୟ ଦାସଙ୍କ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି ସଭା

କଣ୍ଟାପଡ଼ା, (ମହାଭାରତ): ବାରଙ୍ଗ ବ୍ଲକ ନଗରୀ ପଂଚାୟତ ଅନ୍ତର୍ଗତ ସନ୍ତୋଳ ଗ୍ରାମର ବନ୍ଧୁବତ୍ସଳ, ପରୋପକାରୀ ଧର୍ମପରାୟଣ ବ୍ୟକ୍ତି ସ୍ୱର୍ଗତ ଅକ୍ଷୟ କୁମାର ଦାସଙ୍କର ଗତ ଗୁରୁବାର ତା-୦୮/୦୫/୨୦୨୫ ରିଖ ଦିନ ଏକାଦଶ ଦିବସରେ ଏକ ସ୍ମୃତି ଚାରଣ ଏବଂ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ସନ୍ତୋଳସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସ୍ମୃତି ଚାରଣ ସଭାକୁ ଉଲ୍ଲାସିନି ପଟ୍ଟନାୟକ ସଭାପତିତ୍ୱ କରିବା ସହିତ ସନ୍ତୋଳ ଗ୍ରାମର ଅବସର ପ୍ରାପ୍ତ ଅଧ୍ୟାପକ ଶ୍ରୀଯୁକ୍ତ ବଳରାମ ଏହି ସ୍ମୃତି ସଭାକୁ ପରିଚାଳନା କରିଥିଲେ । ସ୍ୱର୍ଗତ ଅକ୍ଷୟ କୁମାର ଦାସ ପ୍ରଥମେ କୁରୁଂଟି ଗ୍ରାମରେ ଥିବା ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପରେ ଗବବସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଡ଼ଃ ଜଗଦୀଶ ଚନ୍ଦ୍ର ମହାନ୍ତି ତାଙ୍କ ଉଦ୍ ବୋଧନ ଦେଇ ସ୍ୱର୍ଗତ ଅକ୍ଷୟ କୁମାର ଦାସ ଗବବସ୍ତ ସରକାରୀ ଜଣେ ଦକ୍ଷ ଶିକ୍ଷକ ଥିଲେ ବୋଲି କହିଥିଲେ । ଅବସରପ୍ରାପ୍ତ ଇଂରାଜୀ ପ୍ରଧାପକ ଡ଼ଃ ଇନ୍ଦ୍ରମଣି ଦାଶ ସ୍ୱର୍ଗତ ଅକ୍ଷୟ ଦାସଙ୍କୁ ଭୀଷ୍ମ ପିତାମହ ର ଆଖ୍ୟା ଦେଇ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ କିଭଳି ଉଦ୍ୟମ କରିଥିଲେ ତାହା ସ୍ମୃତି ଚାରଣ ସଭାରେ ବର୍ଣ୍ଣନା କରିଥିଲେ । ବାରଙ୍ଗ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ଦିଗାମ୍ବର ମହାପାତ୍ର, ଗବବସ୍ତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାସ, ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ପଟ୍ଟନାୟକ, ଦିଗାମ୍ବର ସାହୁ, ସାମ୍ବାଦିକ ଦିଲ୍ଲୀପ କୁମାର ସାମନ୍ତରାୟ ପ୍ରମୁଖ ଯୋଗ ଦେଇ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସ୍ୱର୍ଗତ ଅକ୍ଷୟ ଦାସଙ୍କ ବଡ଼ପୁଅ ହିମାଂଶୁ ଶେଖର ଦାସ(ରଙ୍କା) ବଡ ବୋହୁ, ସାନ ପୁଅ ସିତାଂଶୁ ଶେଖର ଦାସ(ଜିତୁ), ସାନ ବୋହୁ, ଝିଅ ଦୀପ୍ତିମୟୀ ଦାସ (ଲିଟୁ), ଜ୍ୱାଇଁ ଅଶୋକ କୁମାର ପରିଜା, ନାତୁଣୀ ମାମାଲି ଓ ପାପାଲିଙ୍କ ସମେତ ସମସ୍ତ ପରିବାର ବନ୍ଧୁ ବର୍ଗ ଏହି ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳୀ ସଭାକୁ ସହଯୋଗ କରିଥିଲେ ।

# ହଠାତ ଦବିଗଲା ପୋଲ...ଫାଟିଗଲା ରାସ୍ତା

ଧର୍ମଶାଳା, (ମହଭାରତ) : ହଠାତ ଦବିଗଲା ପୋଲ । କଂକ୍ରିଟ ଖଣ୍ଡ ଭାଙ୍ଗି ତଳକୁ ଖସି ପଡିବା ସହ ଫାଟିଗଲା ରାସ୍ତା । ରାସ୍ତାରେ ଯାଉଥିବା ଲୋକ ଜୀବନ ବିକଳେ ଧାଇଁଲେ । ଏବେ ସେହି ରାସ୍ତାଦେଇ ଯିବାକୁ ଡରୁଛନ୍ତି ଲୋକେ । ଫଳରେ ଗମନାଗମନ ବାଧାପ୍ରାପ୍ତ ହୋଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ପାଟପୁର ପଞ୍ଚାୟତରେ । ପଞ୍ଚାୟତର ଖରିପଡିଆ ଗାଁ ନିକଟରେ ଥିବା ପୋଲର ଏକ ବଡ଼ ଅଂଶ ଭାଙ୍ଗି ଯାଇଛି । ଫଳରେ ଆଖପାଖ ପଞ୍ଚାୟତର ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକେ ଏହି ରାସ୍ତାରେ ଗଛ ଡାଳ ପୋତି ବିପଦ



ସଂକେତ ଦେଇଛନ୍ତି । ଏହା ଜଣାପଡିବା ପରେ ଏହି ବିପଦସଂକୁଳ ପୋଲ ଉପରେ ଟ୍ରକ, ଟ୍ରାକ୍ଟର ଆଦି ଗାଡି ମୋଟର ଚଳାଚଳ ବନ୍ଦ ରଖାଯାଇଛି । ସୂଚନା ମୁତାବକ, ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୦ବର୍ଷ ପୂର୍ବେ ଅଚ୍ୟୁତପୁର-ବଡ଼ବାରିସାହି ରାସ୍ତାର ଖରିପଡିଆ ଗାଁ ନିକଟରେ ଏହି ପୋଲ ନିର୍ମାଣ କରାଯାଇଥିଲା । ଏହି ରାସ୍ତାରେ ଓଭରଲୋଡ଼ ହୋଇ ହାଇୱା, ଟ୍ରକ, ଟିପ୍ପର ଆଦି ଗାଡ଼ିରେ କଳାପଥର, ବାଲି, ମାଟି, ଇଟା ଆଦି ବୋଝେଇ ହୋଇ ପରିବହନ ହୋଇଥାଏ । ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିଲେ । ପ୍ରତ୍ୟେକ ଦିନ ଶତାଧିକ ଭାରୀଯାନ ଏହି ପୋଲ ଉପରେ ଯାତାୟତ କରିବାରୁ ପୋଲଟି ଭାଙ୍ଗି ଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଉପରେ ପାଟପୁର, ମିର୍ଜାପୁର, ପଟୁଣିଆ ଆଦି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭରଶୀଳ । ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ପୋଲର ମରାମତି ହେଉ ଅବା ନୂତନ ପୋଲ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।


## ଆସିକାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଆସିକା(ମହାଭାରତ): ଆସିକା ତାଲୁକ ଆଇନସେବା ପ୍ରାଧିକାରଣ ପକ୍ଷରୁ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସିକା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା ପ୍ରାଧିକରଣ ର ସଭାପତି ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅନ୍ୟତମ ବିଚାରପତି ସୌଦାମିନୀ ବିଶ୍ୱାଳ,ଝିଲ୍ଲିଲିନା ନାୟକ ଗୀତାଞ୍ଜଳି ନାଇଡୁ, ତ୍ରିପତି ଦାସ ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ଦିନ ଧରି ବିଚରାଧୀନ ଧରି ରହିଥିବା ବିଭିନ୍ନ ମକଦ୍ଦମା ର ସହଜ ଓ ଆପୋଷ ସମାଧାନ କରାଯାଇଥିଲା। ଆଜି ୦୨ ଗୋଟି ମନି ରିକୋବରୀ ମାମଲା , ୦୬ ଗୋଟି ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲା, ସିଭିଲ କେସ ଏହିଭଳି ମୋଟ ୫୨ କେସ ଫଇସଲା ହୋଇ ମୋଟ ୪୯ ଲକ୍ଷ ୨୬ ହଜାର ୭୨୧ ଟଙ୍କା ଆଦାୟ ହୋଇଥିବା ଜଣାଯାଇଛି । ଏହି ଲୋକ ଅଦାଲତ ରେ ଆଇନଜୀବୀ ଅନନ୍ତ ନାରାୟଣ ପାତ୍ର,ପି. ଶିବ ଶଙ୍କର ପାତ୍ର, ସନ୍ତୋଷ ମିଶ୍ର, ଓକିଲ ସଙ୍ଘ ସଭାପତି ଅଜିତ ଚୌଧୁରୀ, ସମ୍ପାଦକ ନାରାୟଣ ମୁନି, ଉପ ସଭାପତି ଛବିଳ ରାମ ମିଶ୍ର, ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, କୋଷାଧକ୍ଷ ରାଘବ ନାହାକ, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ରବୀନ୍ଦ ପାତ୍ର, ସରତେନ୍ଦୁ ପଣ୍ଡା, ସୂର୍ଯ୍ୟପ୍ରକାଶ ରାଓ, ପ୍ରତାପ ନାୟକ, ପ୍ରଭାତ ପାଢ଼ୀ,ସମେତ ଅନେକ ଆଇନଜୀବୀ ସହଯୋଗ କରିଥିଲେ ।

## ସମ୍ପର୍କ ହୃଦୟର ଅଶାର ଆଲୋକ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ଅନୁଗୋଳ,(ମହାଭାରତ): ରାଜ୍ୟରେ ଅନେକ ସମୟରେ ରକ୍ତ ଅଭାବ ଯୋଗୁ ପ୍ରତ୍ୟକ ଦିନ କାହାରି ନା କାହାରି ଜୀବନ ଯାଉଛି । କିଛି ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ଦ୍ୱରା ମଧ ରକ୍ତଦାନ ଶିବିର ମାଧମରେ ରକ୍ତ ସଂଗ୍ରହ କିରିବା ନଜର ଆସିଛି । ଏହି ପରିପ୍ରେକ୍ଷୀରେ ସମ୍ପର୍କ ହୃଦୟର ଆଶାର ଆଲୋକ ଟ୍ରଷ୍ଟ ତରଫରୁ ଶନିବାର ଦିନ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ସକାଳ ୮ ଘଟିକାରୁ ଆରମ୍ଭ ହୋଇ ଦିବା ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଡାକ୍ତର ବିଶ୍ୱଜି ସାମଲ, ସମ୍ମାନୀୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ପଦ୍ମାକ୍ଷୀ ସିଂ, ଡାକ୍ତର ଚିନ୍ମୟୀ ଦାସ୍, ଶ୍ରୀମତୀ କୌସଲ୍ୟା ସାହୁ ଉପସ୍ଥିତ ରହି ରକ୍ତ ଦାତାଙ୍କୁ ଉର୍ସାହିତ କରିଥିଲେ । ରକ୍ତ ସଂଗ୍ରହରେ ମେଡିକାଲ କର୍ମକର୍ତ୍ତା ଡାକ୍ତର ସତ୍ୟବ୍ରତ ପାଟଯୋଷି, ହରିଚନ୍ଦନ ଜେନା, ମଞ୍ଜୁଲତା ଶତପଥୀ, ଭରତ କୁମାର ସାହୁ, ରମେଶ ମାଝୀ, ଡ୍ରାଇଭର ସୁକାନ୍ତ ସାହୁ । ଉପସ୍ଥିତ ଥିଲେ । ସମ୍ପର୍କ ହୃଦୟର ଆଶାର ଆଲୋକ ଟ୍ରଷ୍ଟର ସଭାପତି ଅନ୍ତର୍ଯ୍ୟାମୀ ବରାଳ, କୋଷାଦକ୍ଷ ସସ୍ମିତା ବରାଳ,ମ୍ୟାନେଜର ରାଜକିଶୋର ଚନ୍ଦ, ସକ୍ରିୟ ସଭ୍ୟା ନିରୁପମା ଦାଶ ,ମାଳତୀ ସାହୁ , ରଶ୍ମିତା ବିଶ୍ୱାଳ, ସୁପ୍ରଭା ସାହୁ, ଖୁଶବୁ ନାଥ ,ପ୍ରଜ୍ଞା ପ୍ରିୟଦର୍ଶିନୀ ବାଗରା ଓ ଶକ୍ତି ମୟୀ ପରିଡ଼ା ଉଭୟ ଶିବିରରେ ସହଯୋଗ କରିଥିଲେ । ଦୁଇଟି ଶିବିରରୁ ମୋଟ ୩୦ ୟୁନିଟ ରୁ ଉର୍ଦ୍ଧ ରକ୍ତ ସଂଗ୍ରହ ହୋଇଥିବା ସୂଚନା ।

## ନିଆଳିରେ ବଢୁଛି ଚାଷୀ ଅସନ୍ତୋଷ, କାର୍ଯ୍ୟାଳୟକୁ ଆସୁନାହାନ୍ତି ଅଧିକାରୀ



ନିଆଳି ( ମହାଭାରତ ) କଥାରେ ଅଛି ଚାଷ କାମ ଯାହାର କେଡେ ସୁଖ ତାହାର ସିଏ ପରା ଯୋଗାଉଛି ଜଗତକୁ ଆହାର, କିନ୍ତୁ ବାସ୍ତବରେ କଥାଟା ସମ୍ପୂର୍ଣ୍ଣ ଓଲଟା ଦେଖିବାକୁ ମିଳିଛି ନିଆଳି ବ୍ଲକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ । ଚାଷୀଟି ମୁଣ୍ଡ ଝାଳକୁ ତୁଣ୍ଡରେ ମାରି ବର୍ଷକ ଯାକର ଫସଲ ଦେଶ ପାଇଁ ଆହାର ଆକାରରେ ଯୋଗୋଉଥିବା ବେଳେ କଟକ ଜିଲ୍ଲା ନିଆଳି ବ୍ଲକ ଉଦ୍ୟାନ ବିଭାଗର କର୍ମଚାରୀଙ୍କ ପାଇଁ ହଟହଟା ହେବାକୁ ପଡୁଛିଯ ନିଆଳିରେ ୨୩ ଗୋଟି ପଞ୍ଚାୟତ ଥିବା ବେଳେ କାହିଁ କେତେ ଦୂରରୁ ଚାଷୀଟି ୩୮ ଡିଗ୍ରୀ ତାପମାତ୍ରାରେ ଭୀଷଣ ରୌଦ୍ର ତାପରେ ଉଦ୍ୟାନ ବିଭାଗରେ ପହଞ୍ଚିଲା ପରେ ଉପସ୍ଥିତ ରହୁନଥିବା ସରକାରୀ କର୍ମଚାରୀ ବୋଲି ଅଭିଯୋଗ କରିଛନ୍ତି ଚାଷୀ । କଲରା, କଞ୍ଚାଲଙ୍କା, ଆମ୍ବ, ଅମୃତ ଭଣ୍ଡା ଚାରା ଭଳି ବିଭିନ୍ନ କିସମର ବିଲରେ ଚାଷ ଉପଯୋଗୀ ମଞ୍ଜି ପାଇଁ ନିଜର କାଗଜ ପତ୍ର ଧରି ଆସୁଥିବା ବେଳେ ଅଫିସ ଚୌକି ଖାଲିୟ ଫଳରେ ଚାଷୀଟି ବାରମ୍ୱାର ଅଫିସ ଆସି ଫେରିକି ଯାଉଛନ୍ତି, ସେହିପରି ବାହାର ଦୋକାନରୁ ଚଢ଼ା ଦରରେ ମଞ୍ଜି କିଣିବାକୁ ଚାଷୀ ବାଧ ହେଉଛନ୍ତି । ଠିକ୍ ସମୟରେ ମଞ୍ଜି ନପାଇବାରୁ ଚାଷରେ ବିଳମ୍ୱ ହେବାସହ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । ସୂଚନା ମୁତାବକ ରାଜ୍ୟ ସରକାରଙ୍କ ତରଫରୁ ଚାଷୀ ମାନଙ୍କ ପାଇଁ ବିଭିନ୍ନ ସାହାଯ୍ୟ ସହଯୋଗ ଯୋଗାଇ ଦେଉଥିବା ବେଳେ ନିଆଳି ଉଦ୍ୟାନ ବିଭାଗର କର୍ମଚାରୀ ମାନେ ଚାଷୀଙ୍କୁ ସହଯୋଗ ନକରି ଦରମା ନେଇ ବ୍ୟକ୍ତିଗତ କାର୍ଯ୍ୟରେ ଲିପ୍ତ ରହୁଥିବା ମନେହେଉଛି । ଉଦ୍ୟାନ ବିଭାଗରେ କେତୋଟି ହାତ ଗଣତି କର୍ମଚାରୀ ଥିବା ବେଳେ ଅଫିସକୁ କିରାଣୀଙ୍କ ହାତରେ ଟେକି ଦେଇଥିବା ଦେଖିବାକୁ ମିଳୁଛି । ଯଦି କୌଣସି ଚାଷୀ ନିଜର କାଗଜପତ୍ର ଧରି ଆସନ୍ତି କିରାଣୀ କହୁଛନ୍ତି ମତେ ଦେଇ ଦିଅ ମୁଁ ମ୍ୟାଡମଙ୍କ ଟେବୁଲରେ ରଖିଦେବି । ଏଠି ପ୍ରଶ୍ନ ଉଠୁଛି ସରକାର ମୋଟା ଅଙ୍କର ଟଙ୍କା ଦରମା ଦେଉଥିବା ବେଳେ, କିପରି କର୍ମଚାରୀ ମାନେ ଅଫିସରେ ଉପସ୍ଥିତ ରହୁନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ନୂଆ ବସ ଷ୍ଟାଣ୍ଡ ରେ ଖରାପ ହୋଇ ପଡି ରହିଥିବା ବସ ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହେଉ ଥିବା ଅଭିଯୋଗ

ଗଜପତି ଜିଲ୍ଲା ସଦର ମହକୁମା ପରଲାଖେମୁଣ୍ଡି ନୂଆ ବସ ଷ୍ଟାଣ୍ଡ ରେ ଖରାପ ହୋଇ ପଡି ରହିଥିବା ବସ ଗୁଡିକ ଦ୍ୱାରା ବିଭିନ୍ନ ସମସ୍ୟ ସୃଷ୍ଟି ହଉଥିବା ଅଭିଯୋଗ ହେଉଛି । ପରିଷ୍କାର ପରିଛନ ରହୁ ନଥିବା ଓ ଅସମାଜିକ ଲୋକଙ୍କ ଆଡ ସ୍ଥଳୀ ପାଲିଟିଥିବା ଅଭିଯୋଗ ହେଉଛି । ବସ ଗୁଡିକ ରହିବ ଦ୍ୱାରୟ ସ୍ଥାନୀୟ ଦୋକାନୀ ଗୁଡିକ ଙ୍କ ର ବେପାର ହେଉ ନଥିବା ଦୋକାନୀ ଗୁଡିକ ଅଭିଯୋଗ କରୁଛନ୍ତି । ଏହି ବିଷୟରେ ପରିବହନ ବିଭାଗ ର ବୈଠକ ରେ ମଧ ପ୍ରଶ୍ନ କରାଯାଇଥିଲା । କିନ୍ତୁ କିଛି ସୁଫଳ ହୋଇ ପରି ନଥିଲା । ବସ ଗୁଡିକ ଧୋଇବା ଦ୍ୱାରା ଅପରିଷ୍କାର ଜଳ ଜମୁଥିବା ସନ୍ଧ୍ୟାୟ ହେଲେ ମଦୁଆଙ୍କ ଆଡ଼ୟସ୍ଥଳୀ ପାଲିଟିଥିବା ଅଭିଯୋଗ ହଉଛି । ପୌ ର ପରିଷଦ ସବୁ ଜାଣି ନିରୁପାୟ କିଛି ପଦକ୍ଷେପ ନ ନେବା ସମସ୍ତ ଙ୍କୁ ଚକିତ କରିଛି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ହୋଇଛି ।

### ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକାର କଳା କାରନାମା

# ନଡ଼ିଆ ଗଛ ଚାରାରୋପଣରେ ବଡ଼ ଜାଲିଆତି



ନୟାଗଡ଼, ( ମହାଭାରତ ) : ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗରେ ଆଉ ଏକ ବଡ଼ ଦୁର୍ନୀତି ପଦାକୁ ଆସିଛି । ଓଡ଼ଗାଁ ପରି ନୟାଗଡ଼ ବ୍ଲକ୍ରେ ବିଭାଗ ଅଧୀନରେ କାର୍ଯ୍ୟରତ ଜଣେ କରିତକର୍ମା ଆଉଟସୋସିଂ କର୍ମଚାରୀ ଦୁର୍ନୀତିର ସବୁ ସୀମା ସରହଦ ଟପି ଯାଇଛନ୍ତ । ଏମିତିକି ପୋଖରୀ ଓ ଗୋଚର ଜମିରେ ମଧ ଚାରା ଲଗାଯାଇଛି ବୋଲି ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରାଯାଇଛି । କେବଳ ସେତିକି ନୁହେଁ ରକ୍ଷଣାବେକ୍ଷଣ ନାଁରେ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାକୁ ମଧ ହଡ଼ପ କରାଯାଇଛି । ଫଳରେ ଯେଉଁ ସ୍ଥାନରେ ଗଛ ଲଗାଯାଇଥିଲା, ଏହାର ଏବେ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନାହିଁ । ଯେଉଁ ଜାଗାରେ ନଡ଼ିଆ ଗଛ ଚାରା ଲଗାଯାଇଛି ବୋଲି ଦର୍ଶାଯାଇଛି, ତାହାର ମାଲିକ ବିଶ୍ୱରଂଜନ ଦାସ ବିଭାଗୀୟ କାର୍ଯ୍ୟାଳୟଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀଙ୍କୁ ଅନ୍ଲାଇନରେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷରେ ବରପଲ୍ଲୀ ଗାଁରେ ଖାତା ନଂ- ୨୫୮/୩୯୫ରେ ପ୍ଲଟ୍ ନଂ- ୧୧୨୩, ୧୧୨୫, ୧୧୨୬ ଓ ୧୧୨୮ରେ ନଡ଼ିଆ ଗଛ ଚାରା ରୋପଣ କରାଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଇଛି । ସେଥିମଧରୁ ପ୍ଲଟ୍ ନଂ- ୧୧୨୩ ଓ ୧୧୨୮ ପୋଖରୀ ହୋଇଥିବା ବେଳେ ବାକି ଦୁଇଟି ପ୍ଲଟ୍ରେ ଚାରାର କୌଣସି ଚିହ୍ନବର୍ଷ ଦେଖିବାକୁ ମିଳୁ ନାହିଁ । ବିଶ୍ୱଙ୍କ ମାଲିକାନାରେ ଥିବା ଏହି ପୋଖରୀରେ ନଡ଼ିଆ ଚାରା କେତେବେଳେ ଓ କେମିତି ରୋପଣ ହେଲା ବୋଲି ସାଧାରଣରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ସହ ପ୍ଲଟ୍ ନଂ- ୧୧୨୫ ଓ ୧୧୨୬ ଧାନ ବିଲ ହୋଇଥିବା ବେଳେ ଏଠାରେ ମଧ ଚାରା ଲଗାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଉଛି । ମନ୍ଦିର ଓ ଗୋଚର ଜମିରେ ଚାରା ଲଗାଯାଇଥିବା ଦର୍ଶାଇ ବିଲ୍ କରାଯାଇଥିଲେ ମଧ ସେଠାରେ ମଧ ଜାଲିଆତି କରାଯାଇଛି । ଏହି ଗାଁର କେନାଲରେ ୪୦୨ ଚାରା ଲଗାଯାଇଥିବା ଦର୍ଶା ଯାଇଥିଲେ ମଧ ବର୍ତ୍ତମାନ ସେଠାରେ ମାତ୍ର ୩ଟି ଚାରା ବଞ୍ଚିଥିବା ଦେଖାଯାଉଛି । ଚାରା ରୋପଣ ପରେ ଏହା କିପରି ସୁରକ୍ଷିତ ଭାବେ ବଢ଼ିବ, ସେଥିପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଉଛି । ଚାରାରେ ବାଡ଼ ଦେବାଠାରୁ ଆରମ୍ଭ କରି ଔଷଧ ଓ ଏହାକୁ ଜଗିବା ପାଇଁ ମଧ ବ୍ୟୟବରାଦ କରାଯାଉଛି । ମାତ୍ର ଦୁଇ ବର୍ଷ ହେଲା ଏହି ଗଛ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଆସିଥିବା ସମସ୍ତ ଟଙ୍କାକୁ ହରିଲୁଟ୍ କରାଯାଇଛି । ଏହି ଚାରାରୋପଣ ଦାୟିତ୍ୱରେ ଥିବା ଏହି ଆଉଟ୍ସୋସିଂ କର୍ମଚାରୀ ବର୍ଷ ବର୍ଷ ଧରି ବିଭିନ୍ନ ଉପାୟରେ ଏହି ଜାଲିଆତି କରିଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ କରାଯାଇ ଏହି ଦୁର୍ନୀତିରେ ସାମିଲ୍ ଥିବା ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ଏ ନେଇ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର ପରିଡ଼ା କୁହନ୍ତି ଯେ, ଏହି ଘଟଣାର ନିଶ୍ଚିତ ଭାବେ ତଦନ୍ତ କରାଯିବ । ଓଡ଼ଗାଁ ପରି ଯଦି ଏଠାରେ ଉକ୍ତ କର୍ମଚାରୀଙ୍କ ବିରୋଧରେ ପ୍ରମାଣ ମିଳେ, ତେବେ ତାଙ୍କ ବିରୋଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ବିକଳାଙ୍ଗ ପରିବାର



ଫିରିଙ୍ଗିଆ,(ମହାଭାରତ):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତ ଅନ୍ତର୍ଗତ ଟେଲା ପାଲି ଗ୍ରାମର ଶିବାଜୀ ରଣା (୫୩)ଜନ୍ମରୁ ଅନ୍ଧ ହୋଇଥିବା ବେଳେ ସ୍ତ୍ରୀ ସୁନ୍ଦରୀ ରଣା (୪୭)ମଧ ମାନସିକ ବିକଳାଙ୍ଗ । ତାଙ୍କ ଗୋଟିଏ ବୋଲି ଝିଅ କାଜଲ ରଣା(୧୮) ମଧ ଭିନ୍ନକ୍ଷମ । ଏହି ଭିନ୍ନକ୍ଷମ ପରିବାରକୁ ଅନେକ ବର୍ଷ ତଳେ ଏକ ଇନ୍ଦିରା ଆବାସ ଘର ମିଳିଥିଲା । ତାହା ଏବେ ଦୟନୀୟ ଅବସ୍ଥାରେ । ଟିଣ ସବୁ ଫାଟି ଯାଇଥିବା ଘର ଭିତରୁ ଦିନରେ ସୂର୍ଯ୍ୟ ଓ ରାତିରେ ଜହ୍ନ ଦେଖାଯାଉଛି । କହିବାକୁ ଗଲେ ଖରା ଦିନରେ ସୂର୍ଯ୍ୟଙ୍କ ପ୍ରଖର କିରଣ ଛିଦ୍ର ସବୁ ଦେଇ ଭିତରେ ପଶୁଥିବା ବେଳେ ବର୍ଷାଦିନରେ ଛାତରୁ ପାଣିପଶି ଚଟାଣ ସମ୍ପୂର୍ଣ୍ଣ କାଦୁଅ ହୋଇ ଯାଉଥିବାରୁ ପରିବାର ଖରା ଓ ବର୍ଷା ସମୟରେ ବଡ଼ ହଇରାଣ ହେଉଛନ୍ତି । ଅନ୍ୟ ପଟେ ଘର ଅତି ପୁରୁଣା ହୋଇଥିବାରୁ ଘର କାଂ୍ଥ ସବୁ ଫାଟି ଆଁ କଲାଣି । କେତେବେଳେ ଯେ ଭୁଶୁଡି ପଡିବ କହି ହେବ ନାହିଁ । ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି ଏହି ଭିନ୍ନକ୍ଷମ ପରିବାର ହେଲେ ପ୍ରଶାସନ ଆଖିକୁ ଏ ପରିବାର ର ଦୁଃଖ ଦେଖାଯାଉନି । ଧନୀ ଓ ମଧ୍ୟବିତ୍ତ ପରିବାର ମାନଙ୍କୁ ଗରିବ ଅସହାୟ ଶ୍ରେଣୀରେ ସାମିଲ କରି ଘର ଉପରେ ଘର ଯୋଗେଇ ଦେଉଛନ୍ତି ସିନା, ଶିବାଜୀ ଙ୍କ ଭଳି ନିରୀହ, ଭିନ୍ନକ୍ଷମ ପରିବାର କୁ ଘର ଖଣ୍ଡେ ଯୋଗେଇ ଦେବାକୁ ଅସମର୍ଥ । ନା ସେମାନେ ସେଇ ଘରେ ସୋଇ ପାରୁଛନ୍ତି, ନା ବସି ପାରୁଛନ୍ତି । ଭିନ୍ନକ୍ଷମ ହିସାବରେ ବାପଝିଅ ଓ ସ୍ତ୍ରୀ ଙ୍କୁ ଭତ୍ତା ଟଙ୍କା ମିଳୁଛି ।ଅନ୍ୟପଟେ ସ୍ତ୍ରୀ ସୁନ୍ଦରୀ ଏଘର ସେଘର ବୁଲି ଅନ୍ୟ ମୂଳ ଲାଗି ଯାହା କିଛି ବି ଧରିକି ଆସୁଛି ସେଥିରେ ୩ ପ୍ରାଣୀଙ୍କ ପେଟ ପାଇଁ ଦାନାର ଯୋଗାଡ଼ କରୁଛନ୍ତି । ଦିନହୀନ ଶିବାଜୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଅନେକ ଥର ଆବେଦନ କରିଥିଲେ ମଧ ପ୍ରଶାସନ ଶିବାଜୀଙ୍କ ପରିବାର ପାଇଁ ଘର ଖଣ୍ଡେ ଯୋଗେଇ ଦେଉନାହାନ୍ତି ।ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ବିଡ଼ିଓ ଙ୍କ ନିକଟକୁ ବାରମ୍ଵାର ଘର ଆଶାରେ ଦୌଡ଼ିଛନ୍ତି ହେଲେ ପ୍ରଶାସନିକ ଅଧିକାରୀ ମାନେ ସେକେଣ୍ଡ ଲିଷ୍ଟ ରେ ଆସିବ କହି କହି ଠକି ଚାଲିଥିବା ଶିବାଜୀ ଦୁଃଖର ସହ ପ୍ରକାଶ କରିଛନ୍ତି । ବର୍ତମାନ ଦେଖିବାକୁ ବାକି ରହିଲା ପ୍ରଶାସନ ଏହି ଅସହାୟ ପରିବାର ପାଇଁ କେବେ ଛାତ ଯୋଗାଉଛି । ଏନେଇ ଡିଣ୍ଡିରାଗାଁ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଝୁଲିଲତା ସାହୁଙ୍କୁ ପଚାରିବାରୁ ସେ ଅନ୍ତୋଦୟ ଓ ପିଏମଏଯାଇ ସର୍ବେ ହୋଇଛି, ତେଣୁ ସେକେଣ୍ଡ ଲିଷ୍ଟ ଆସିଲେ ତାଙ୍କେ ଘର ପାଇଯିବେ ବୋଲି କହିଛନ୍ତି । ପ୍ରକାଶ ଥାଉକି, ଡିଣ୍ଡିରାଗାଁ ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ ଜଣେ ଭିନ୍ନକ୍ଷମ ମହିଳା । ସେ ଭିନ୍ନକ୍ଷମ ଥିବା ବାହାନା କରି ପଞ୍ଚାୟତର କୌଣସି ବି ଗ୍ରାମକୁ ବ୍ୟକ୍ତିଗତ ଭାବେ ପରିଦର୍ଶନ କରନ୍ତି ନାହିଁ । ୱାର୍ଡ ସଭ୍ୟ ଓ ଗାଁ ସାଥି (ମେଟ )ମାନେ ଯାହାବି ସୂଚନା ଦିଅନ୍ତି ତାକୁ ନେଇ କାର୍ଯ୍ୟ କରିଆସୁଛନ୍ତି ଯଯାହାର ପରିଣାମ ସ୍ୱରୂପ ଆଜି ବି ପଞ୍ଚାୟତରେ ଅନେକ ଯୋଗ୍ୟ ହିତାଧିକାରୀ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି । ତେଣୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଜେ ଘଟଣା ସ୍ଥଳରେ ପହଁଚି ଉପଯୁକ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନା ସବୁରେ ସାମିଲ କରିବାକୁ ସାଧାରଣରେ ଦାବୀ ହେଉଛି ।

## ଅଜଣା ଗାଡି ଧକ୍କାରେ ନିଖୋଜ ବ୍ୟକ୍ତିଙ୍କ ମୃତ୍ୟୁ

କୋକସରା,(ମହାଭାରତ) :କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ୨୬ ନଂ ଜାତୀୟ ରାଜପଥର ଜାରିଙ୍ଗ ନିକଟ ଘଣ୍ଟ ବାହାଲୀ ଠାରେ ଶୁକ୍ରବାର ଅଜଣା ଗାଡି ଧକ୍କାରେ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ, କୋକସରା ଥାନା ଅଧିନସ୍ଥ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ଗ୍ରାମର ବାସୁଦେବ ବେହେରାଙ୍କ ପୁଅ ଧନବଳ ବେହେରା(୫୦) ବୁଧବାର ରାତିରୁ ନିଖୋଜ ହୋଇଥିଲେ ।ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ହେଲେ କୌଣସି ସନ୍ଧାନ ପାଇନଥିଲେ । ଶୁକ୍ରବାର ଧନବଳଙ୍କୁ ଏକ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କ ମୃତ୍ୟୁ ହୋଇଛି । ଜୁନାଗଡ଼ ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଜୁନାଗଡ଼ ଡାକ୍ତରଖାନା ରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଶ୍ରୀ ଶନିଶ୍ଚର ମହାଗ୍ରହଙ୍କ ୭ ମ ବାର୍ଷିକ ମହାଯଂଜ୍ଞ ଅନୁଷ୍ଠିତ

ଗଣିଆ :(ମହାଭାରତ): ଆମ ଦେଶରେ ତଥା ଆମ ଓଡିଶା ରେ ଅନେକ ଦେବା ଦେବୀ ଙ୍କୁ ପୂଜା କରାଯାଏ । ତତ ସହିତ ନବ ଗ୍ରହ ପୂଜା ମଧ କରାଯାଏ । ନବଗ୍ରହ କହିଲେ ବୃହସ୍ପତି, ଶନି, ରାହୁ, କେତୁ, ବୁଧ, ମଙ୍ଗଳ, ଶୁକ୍ର, ଚନ୍ଦ୍ର ଓ ସୂର୍ଯ୍ୟ ଙ୍କୁ ବୁଝାଏ । ତେବେ ନବଗ୍ରହ ଙ୍କ ମଧରେ ଶନି ଙ୍କୁ ଗ୍ରହରାଜ ବୋଲି କୁହାଯିବା ସହିତ କର୍ମଫଳ ଦାତା ଓ ଦଣ୍ଡ ବିଧାନ ର ଦାତା ବୋଲି କୁହାଯାଏ । କର୍ମ ଅନୁସାରେ ଫଳ ଦିଅନ୍ତି ଶନି ମହାଗ୍ରହ । ଆମ ରାଜ୍ୟରେ ପ୍ରଭୂ ଶନି ଙ୍କୁ ନେଇ ଅନେକ ପୂଜା ବିଦ୍ଧି କରାଯିବା ର ନଜିର ରହିଛି । ତେବେ ଗଣିଆ ବ୍ଲକ ଅନ୍ତର୍ଗତ ବଡସିଲିଙ୍ଗା ପଞ୍ଚାୟତ ର ଗୋଛାବାରୀ ଗ୍ରାମରେ ଅବସ୍ଥିତ ପ୍ରଭୂ ଶ୍ରୀ ଶ୍ରୀ ଶନିଶ୍ଚର ମହାଗ୍ରହ ଙ୍କ ପୀଠରେ ବୈଶାଖ ମାସର ଶେଷ ଶନିବାର ଦିନ ୭ମ ବାର୍ଷିକ ମହାଯଂଜ୍ଞ ମହାଡମ୍ବରେ ପାଳିତ ହୋଇଅଛି । ସୂଚନା ଅନୁସାରେ ଶୁକ୍ରବାର ଦିନ ଅଧିବାସ ଓ ଜଳଯାତ୍ରା ପୂଜା ବିଦ୍ଧି କରାଯାଇଥିଲା । ଶନିବାର ଦିନ ସୂର୍ଯ୍ୟପୂଜା, ନାମକୀର୍ତ୍ତନ, ଘୃତଯଂଜ୍ଞ,ଶନିଶ୍ଚର ମେଳା ଓ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହୋଇଛି ।୩୦ଜଣ ବ୍ରତଧାରୀ ଭକ୍ତ ଶନି ଉପବାସ କରି ଶନିଶ୍ଚର ମହାପ୍ରଭୁଙ୍କୁ ପୂଜା କରିଥାନ୍ତି ।ଶନିଶ୍ଚର ମହାପ୍ରଭୁଙ୍କ କମିଟିର ସଭାପତି ରବୀନ୍ଦ୍ର ଯାନୀ, ସମ୍ପାଦକ କମିଶନର ମାଝୀ ଙ୍କ ତତ୍ୱାବଧାନତା ରେ ଆୟୋଜିତ ବାର୍ଷିକ ଉତ୍ସବ ରେ ପୂଜକ ବିଜୟ ଶତପଥି ଓ ମାଳି ଭାବେ କାର୍ଯ୍ୟ କରୁଥିବା ପ୍ରସନ୍ନ କୁମାର ରଣା ସହଯୋଗ କରିବା ସହିତ ପଞ୍ଚାୟତ ବାସିଙ୍କ ଅକ୍ଲାନ୍ତ ପରିଶ୍ରମ ରେ ଯଂଜ୍ଞ ସମ୍ପର୍ଣ୍ଣ ହୋଇଥିଲା । ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା ଓ ସମସ୍ତ ଙ୍କ ପାଇଁ କମିଟି ତରଫରୁ ପ୍ରସାଦ ସେବନ ବ୍ୟବସ୍ଥା ମଧ କରାଯାଇଥିଲା ।ଏଥି ସହିତ ଦଶପଲ୍ଲା କଳାକାର ସଂଘର ସଭାପତି ବନମାଳୀ ରଣା ଙ୍କ ସହିତ ସଂଯୋଜକ କିଶୋର ଚନ୍ଦ୍ର ଦଳବେହେରା ଉପସ୍ଥିତ ଥିଲେ । ପଞ୍ଚାୟତ ବାସୀଙ୍କ କହିବାନୁସାରେ ଯଦି ପ୍ରଶାସନ କିମ୍ବା ରାଜନେତାଙ୍କ ଦୃଷ୍ଟି ପଡନ୍ତା ତାହାହେଲେ ଶନିଶ୍ଚର ମହାପ୍ରଭୁଙ୍କ ମନ୍ଦିର ସହିତ ପରିବେଶ ଉନ୍ନତି ହୁଅନ୍ତା ।

## ସାଇନ ବୋର୍ଡ ରେ ସୀମିତ ରହିଲା ମୁସୁଗୁଡ଼ା ଶାଖା ଡାକ ଘର




ଗଣିଆ (ମହାଭାରତ): ନୟାଗଡ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ବଡ଼ସିଲିଙ୍ଗା ପଞ୍ଚାୟତର ସମସ୍ତ ମୌଳିକ ଅଧିକାର ରୁ ବଞ୍ଚିତ ରହୁଥିବା ମୁସୁଗୁଡା ଗ୍ରାମର ଅଧିବାସୀ ଓ ବଡଶିଲିଙ୍ଗକ୍ଷ ପଞ୍ଚାୟତ ବାସୀ ଗତ ମଙ୍ଗଳ ବାର ଦିନ ଅଞ୍ଚଳର ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହୁଥିବା ଲାଗି ବ୍ଲକ ସମ୍ମୁଖରେ ଦୁଇଦିନ ଧରି ଭାରତ ବିକାଶ ପରିଷଦ ର ସହଯୋଗ ରେ ଅଞ୍ଚଳବାସୀ ଅନଶନ ଜାରି ରଖିଥିଲେ । ସମସ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ହେବା ପରେ ଯୋଗାଯୋଗ ବିଚ୍ଛିନ୍ନ ହୋଇ ରହିଥିବା ମୁଶୁଗୁଡକ୍ଷ ଗ୍ରମରେ ତ୍ କ୍ଷଣାତ ଡାକ ନିରୀକ୍ଷକ ଙ୍କ ଦ୍ୱାରା ସାଇନ୍ ବୋର୍ଡ ଲଗାଯାଇଥିଲା । ଏହା ଜାଣିବା ପରେ ଗ୍ରାମ ର ଜନସାଧାରଣ ଓ ପଞ୍ଚାୟତ ବାସି ବହୁତ ଖୁସି ଅନୁଭବ କରି ଥିଲେ । ଏବଂ ଦୁର ସଂଚାର ବ୍ୟବସ୍ଥ ନ ହେଲେ ମଧ ଡାକ ଅଫିସ ଦ୍ୱାରା ଖବର ଅନ୍ତର , ସରକାରଙ୍କ ବିଭିନ୍ନ ସୁବିଧା ପାଇପକ୍ଷରିହେବ ବୋଲି ଜାଣିଥିଲେ । ବହୁ ଦିନର ଆଶା ଓ ଆଶଙ୍କା ଦୁର ହେଲା ବୋଲି ଅନୁଭବ କରି ଥିଲେ ମାତ୍ର ଦୁଃଖର ବିଷୟ ଦୀର୍ଘ ତିନି ଦିନ ହେଲା ସାଇନ୍ ବୋର୍ଡ ମାରିବା ପରେ ସେଠାରେ କୌଣସି ଡାକ କର୍ମଚାରୀ ଙ୍କ ଦେଖା ମିଳିନଥିବା ଅଭିଯୋଗ କରି ଥିଲେ ବଡଶିଲିଙ୍ଗା ଉନ୍ନୟନ କମିଟି ସଭ୍ୟ ନିରଞ୍ଜନ ଦାସ ।

# ଅପହଞ୍ଚ ସରକାରୀ ଯୋଜନା, ଗାଡିଆ ପାଣିରେ ମେଣ୍ଟୁଛି ତୃଷା

### ଅଭୟାରଣ୍ୟ ମଝିରେ ଅଭିଶପ୍ତ ଜୀବନ : ବିକାଶର ବାଟ ଓଗାଳୁଛି ଅଭୟାରଣ୍ୟ କଟକଣା



ଦଶପଲ୍ଲା, ( ମହାଭାରତ ) : ଗାଁର ଚତୁର୍ପାଶ୍ୱକୁ ଘେରି ରହିଛି ବାଇଶୀପଲ୍ଲୀ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ଡାଙ୍ଗୁରି ପାହାଡ଼, ଆମ୍ବ ତଇଳା, ପାକୁଲି, ଆଡୁଆ, ଗୁଜି ମୁଣ୍ଡିଆ, ଖନ୍ଦା ମୁଣ୍ଡିଆ, ବଡ଼ ମୁଣ୍ଡିଆ, ରଙ୍ଗମାଟିଆ ଓ କଳାପଥର ଆଦି ଘଞ୍ଚ ଜଙ୍ଗଲ ଘେରି ରହିଛି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ବାଣିଗୋଛା (ପୂର୍ବ) ବନାଞ୍ଚଳ ଅଧୀନରେ ଏହି ଅଭୟାରଣ୍ୟ ରହିଥିବା ବେଳେ ଗାଁକୁ ବାଟ ଓଗାଳୁଛି ଅଭୟାରଣ୍ୟର କଟକଣା । ଶିକ୍ଷା, ସ୍ୱାସ୍ଥ୍ୟ, ଓ ଗମନାଗମନ ଭଳି ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଥିବା ବେଳେ ଏବେ ପାନୀୟଜଳ ପାଇଁ ଡହଳବିକଳ ହେଉଛନ୍ତି ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଘୁଗୁଡ଼ିପଡ଼ା ପଞ୍ଚାୟତ ଅଧୀନସ୍ଥ ନେକରଗଣ୍ଡା ଗ୍ରାମବାସୀ । ଗାଁରେ ଗୋଟିଏ ନଳକୂପ ସହ ସୋଲାର୍ ସଂଯୋଗ ହୋଇଥିବା ବେଳେ ଗୋଟିଏ କୂଅ ରହିଛି । ମାତ୍ର ଏବେ ଗ୍ରୀଷ୍ମପ୍ରବାହ ହେତୁ ଏହି କୂଅ ଓ ନଳକୂପ ଶୁଖି ଯାଉଥିବା ବେଳେ ସୋଲାର ସଂଯୋଜିତ ପିଣି ଗ୍ରାମବାସୀଙ୍କ ପାଇଁ ନିଅଁଣ୍ଟ ହେଉଛି । ଗାଁ ନିକଟରେ ଥିବା ଏକ ଗାଡ଼ିଆ ସାହାରା ସାଜିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଗ୍ରାମରେ ସଂକୀର୍ତ୍ତନ ଜାନୀ, ସନାତନ ସାହୁ, ଜୟ ମାଝୀ, ମହି ମାଝୀ, ଦେବାର୍ଚ୍ଚନ ମାଝୀ, ବିଭିଷଣ ମାଝୀ, ଗୁରୁଦେବ ମାଝୀ, ଜଳେଶ୍ୱର ମାଝୀ, ସଦାଶିବ ମାଝୀ, ମହେଶ୍ୱର ମାଝୀ, ସୁକମତୀ ମାଝୀ, ଗଙ୍ଗାଧର ଜାନୀ, ସୁରେଶନ ଜାନୀ ଓ ଗନ୍ଧର୍ବ ମାଝୀ ଆଦି ୧୪ଟି ପରିବାରର ପ୍ରାୟ ୫୦ ଜଣ ସଦସ୍ୟ ବସବାସ କରୁଛନ୍ତି । ଗ୍ରାମ ଠାରୁ ପଞ୍ଚାୟତର ଦୂରତା ୧୨ କିମି । ଗାଁକୁ ଯିବାକୁ ହେଲେ ବାଇଶି ପଲି ଅଭୟାରଣ୍ୟ ହୋଇ ଘଞ୍ଚ ଜଙ୍ଗଲ ମଧରେ ଖାଲଖମା ଓ ଡିମା ପଥର ସାଙ୍ଗକୁ ଯାତାୟାତରେ ପ୍ରତିବନ୍ଧକ ସାଜୁଛି ଗହଣ୍ଡି ନାଳ । ଭତ୍ତା ହେଉକି ରାସନ ସାମଗ୍ରୀ ଆଣିବାକୁ ହେଲେ ଘଞ୍ଚ ଜଙ୍ଗଲଦେଇ ବିପଦ ସଙ୍କୁଳ ଭାବେ ପଞ୍ଚାୟତକୁ ଯିବାକୁ ପଡୁଛି । ଯାହାକି ବର୍ଷାଦିନେ ଯାତାୟାତ କରିବା ସମ୍ଭବ ହେଉନାହିଁ । ଦୈନିକ ଛାତ୍ରଛାତ୍ରୀ ପାଠପଢ଼ି ହେଉ କି ରୋଗୀ ଓ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବାକୁ ହେଲେ ନାନା ସମସ୍ୟା ଭୋଗିବାକୁ ପଡୁଛି । ଗ୍ରାମବାସୀ ମୁଖ୍ୟତଃ ଚାଷବାସ କରି ଜୀବିକା ନିର୍ବାହ କରିଥାନ୍ତି । ଧାନ, ମକା ଓ ବିଭିନ୍ନ ପନିପରିବା ଚାଷ କରିଥାନ୍ତି । ହେଲେ ବାରହା ସାଙ୍ଗକୁ ବିଭିନ୍ନ ଭୟଙ୍କରୀ ବନ୍ୟଜନ୍ତୁଙ୍କ ଉପଦ୍ରବ ହେତୁ ଫସଲ ଉଜୁଡ଼ି ଯାଉଛି । ବଡ଼କଥା ହେଉଛି ଗାଁର କୌଣସି ପରିବାରରେ ପାଇଖାନା ନିର୍ମାଣ ହୋଇନଥିବା ବେଳେ ଏହି ଗାଁକୁ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ସରକାରୀ ସ୍ତରରେ ଘୋଷଣା କରାଯାଇଛି । ବିଦ୍ୟୁତ ଜନିତ ସମସ୍ୟା କଥା ନକହିଲେ ଭଲ ଦିନେ ଆଲୁଅ ଜଳିଲେ ୫ ଦିନ ଅନ୍ଧାର ରହିବାକୁ ପଡୁଛି । ଗାଁଟି ଅଭୟାରଣ୍ୟ ମଧରେ ରହିଥିବାରୁ ପଞ୍ଚାୟତ ପକ୍ଷରୁ ରାସ୍ତା ନିର୍ମାଣ କରିବାରେ ସମସ୍ୟା ହେଉଥିବା ସରପଞ୍ଚ ରମେଶ ସାହୁ କହିଛନ୍ତି । ଉକ୍ତ ଗ୍ରାମକୁ ମେଗା ପ୍ରକଳ୍ପ ମାଧମରେ ପାଇପ୍ ବିଛା ଯାଉଥିବା ବେଳେ ଅଭୟାରଣ୍ୟ ହେତୁ ବନବିଭାଗ ପକ୍ଷରୁ ଏହାକୁ ବାରଣ କରାଯାଇଛି । ଏବେ ଗାଁରେ ପାଣି ସଂକଟ ଦେଖା ଦେଇଥିବା ବେଳେ ତୁରନ୍ତ ସରକାର ଏଦିଗରେ ଦୃଷ୍ଟି ଦେବାକୁ ଦାବି କରିଛି ସ୍ଥାନୀୟ ଲୋକ ସଂଗଠନ ମହିଳା ଜୀବିକା ସୁରକ୍ଷା ମଞ୍ଚ ।

## ବିବାହର କେଇ ଘଣ୍ଟାରେ ସୀମାକୁ ଫେରିଲେ ବୀର ସୈନିକ, ଘରେ ଅପେକ୍ଷାରେ ନବବଧୂ

ନୂଆଦିଲ୍ଲୀ : ମୁଣ୍ଡରେ ପଗଡି ବାନ୍ଧି ସଜେଇ ହୋଇଥିଲେ ବର ବେଶରେ । ପତ୍ନୀଙ୍କ ପାଇଁ ହାତରେ ମେହେନ୍ଦି ବି ଲଗାଇଥିଲେ । ହେଲେ ବିବାହ ଭଳି ଏକ ସ୍ୱତନ୍ତ୍ର ଦିନରେ କିନ୍ତୁ ତାଙ୍କ ମୁହଁରେ ଖୁସି ବଦଳରେ ଥିଲା ଚିନ୍ତା । ଶରୀର ସିନା ଥିଲା ବିବାହ ମଣ୍ଡପରେ ହେଲେ ହୃଦୟର ସ୍ପନ୍ଦନ ଚାଲୁଥିଲା ଦେଶ ପାଇଁ । ଏ କାହାଣୀ ହେଉଛି ରାଜଗଡ ମଧ୍ୟପ୍ରଦେଶର ଜଣେ ବାୟୁ ସୈନିକଙ୍କର । ଯାହାଙ୍କ ନା ମୋହିତ୍ ରାଠୋର । ଯିଏକି ନିଜ ବିବାହ ପାଇଁ ଗତ ୧୭ ଏପ୍ରିଲ୍ ରୁ ୧୫ ଦିନ ପାଇଁ ଛୁଟିରେ ଆସିଥିଲେ । କିନ୍ତୁ ବିଧିର ବିଧାନ କିଛି ଅଲଗା ଲେଖା ଥିଲା । ଯେତେବେଳେ ମୋହିତ୍ ନିଜ ପତ୍ନୀଙ୍କ ସହ ବିବାହ ବେଦୀରେ ସାତ ଫେରା ନେଉଥିଲେ, ସେତେବେଳେ ଭାରତ ପାକିସ୍ତାନ ଭିତରର ଉତ୍ତେଜନା ଚରମ ସ୍ଥିତିରେ ଥିଲା । ଭାରତ ମାଆକୁ ନିଜ ବୀର ପୁତ୍ର ମାନଙ୍କର ଆବଶ୍ୟକତା ଥିଲା । ମୋହିତ୍ ବି ସେହି ବୀର ପୁତ୍ରମାନଙ୍କ ଭିତରୁ ଜଣେ । ଯିଏକି ନିଜ ମାଆ ମାଟିର ସେବା କରିବା ପାଇଁ ସବୁବେଳେ ପ୍ରସ୍ତୁତ । ମୋହିତ୍ ଙ୍କୁ ପ୍ରଥମରୁ ହିଁ ଛୁଟି ରଦ୍ଦ ହେବାର ଆଦେଶ ମିଳି ସାରିଥିଲା । ତେଣୁ କରି ତ ବିବାହର କେଇ ଘଣ୍ଟା ଭିତରେ ମୋହିତ୍ ବିନା କେ ?ଣସି କୁଣ୍ଠାବୋଧ, ବିନା କେ ?ଣସି ଅଭିଯୋଗରେ ସେନା ବର୍ଦ୍ଦି ପିନ୍ଧି ଦେଶକୁ ସୁରକ୍ଷା ଦେବାକୁ ବାହାରି ପଡିଥିଲେ । ତେବେ ଗଲାବେଳେ ମୋହିତ୍ ନିଶ୍ଚିତ ଭାବେ ଛାତିରେ ପଥର ରଖି ନିଜ ନବବଧୂଙ୍କ ଠାରୁ ବିଦାୟ ନେଇଥିବେ । ଆଉ କହିଥିବେ ଏବେ ସମୟ ଆସିଛି ଦେଶ ପାଇଁ କିଛି କରି ଦେଖାଇବାର । ତେବେ ଯାହା ସୂଚନା ମିଳିଛି କି, ମୋହିତ୍ ଯିବା ସମୟରେ ତାଙ୍କ ସାହାସୀ ପତ୍ନୀ ତାଙ୍କୁ ଦେଶର କୋଟି କୋଟି ମହିଳାଙ୍କ ସିନ୍ଦୂରକୁ ବଞ୍ଚାଇ ରଖିବାର ଶପଥ ଦେଇ ଖୁସିର ସହ ବିଦାୟ ଦେଇଥିଲେ । କୁରାୱାର ୱାର୍ଡ ନମ୍ବର ୧୫ରେ ରହୁଥିବା ମୋହିତ୍ ଙ୍କ ବାପା ମହେଶ ରାଠୋରଙ୍କର ଏକ ଗ୍ରୋସରୀ ଦୋକାନ ରହିଛି । ତେବେ ମୋହିତ୍ ଙ୍କ ସୂଚନା ଅନୁଯାୟୀ ତାଙ୍କୁ ଗତ ବୁଧବାର ଠାରୁ ହିଁ ହେଡ୍ କ୍ୱାର୍ଟରରୁ ଫୋନ୍ ଆସି ସାରିଥିଲା । ଯେଉଁଥିରେ କୁହାଯାଇଥିଲା କି ତାଙ୍କ ଛୁଟି ରଦ୍ଦ ହୋଇଯାଇଛି । ସେହି ସମୟରେ ମୋହିତ୍ କହିଥିଲେ କି ଗୁରୁବାର ହିଁ ତାଙ୍କ ବିବାହ । ଏକଥା ଶୁଣି ତାଙ୍କୁ ଶନିବାର ଯାଏ ରହିବାକୁ ଅନୁମତି ମିଳିଥିଲା । ଶନିବାରକୁ ଯାହା ହେଲେ ତାଙ୍କୁ ଡ଼ିଉଟିରେ ଜଏନ କରିବାର ଥିଲା । ତେଣୁ ଶୁକ୍ରବାର ନବବଧୂଙ୍କୁ ଧରି ଫେରିବା ପରେ ହିଁ ସେ ନିଜ ପୋଷ୍ଟକୁ ଫେରିବା ପାଇଁ ପ୍ରସ୍ତୁତି କରିଥିଲେ । ମୋହିତ୍ ଙ୍କ କହିବା କଥା, ଏବେ ତାଙ୍କୁ ଭାରତ ମାଆର ସେବା କରିବାର ସୁଯୋଗ ମିଳିଛି । ତେଣୁ ନିଜ ନବବଧୂଙ୍କ ଠାରୁ ଅନୁମତି ନେଇ ନିଜ ସେବାକୁ ସେ ଫେରିଛନ୍ତି । ଏପଟେ ଏହି ଖବର ମିଳିବା ପରେ ମୋହିତଙ୍କ ଶ୍ୱଶୁର ଦୁଃଖର ସହ ନିଜ ଜ୍ୱାଇଁକୁ ବିଦାୟ ଦେଇଛନ୍ତି ସତ କିନ୍ତୁ ଜ୍ୱାଇଁର ଏଭଳି ନିଷ୍ପତି ପାଇଁ ସେ ଗର୍ବିତ ବୋଲି କହିଛନ୍ତି । ତେବେ ସୂଚନା ଥାଉକି, ଭାରତ ଏବଂ ପାକିସ୍ତାନ ସୀମାରେ ଉତ୍ତେଜନା ଜାରି ରହିଛି । ଲଗାତାର ପାକିସ୍ତାନ ଅନେକ ଭାରତୀୟ ସହର ଉପରେ ଆକ୍ରମଣ କରିଥିଲା, ଯାହାର ଭାରତୀୟ ସେନା ଉଚିତ୍ ଜବାବ ଦେଉଛି । ଯାହା ଫଳରେ ଭାରତ-ପାକ୍ ଉତ୍ତେଜନା ସ୍ଥିତିକୁ ନେଇ ସବୁ ଜବାନଙ୍କ ଛୁଟି ବାତିଲ କରାଯାଇଛି । ମୋହିତ୍ ଙ୍କ ଭଳି ଅନେକ ଜବାନ ଯେଉଁମାନେ କି ଛୁଟି ନେଇ ନିଜ ପରିବାର ସହିତ କିଛି ସମୟ ବିତାଇବା ପାଇଁ ଯାଇଥିବେ, କିନ୍ତୁ ସବୁକିଛି ଛାଡି ସେମାନଙ୍କୁ ମାଆ ମାଟିର ସେବା କରିବା ପାଇଁ ବର୍ଡରକୁ ଫେରିବାକୁ ପଡିଥିବ । ଏମିତି ଅନେକ କାହାଣୀ ରହିଛି ଯାହାକୁ ଶୁଣି ହୃଦୟ କାନ୍ଦି ଉଠିବ ସତ କିନ୍ତୁ ସବୁଠୁ ପ୍ରଥମେ ଦେଶ ସେବା ଯାହା ଭାରତର ପ୍ରତ୍ୟକ ସେ ?ନିକ ପ୍ରତ୍ୟକ ନାଗରିକ ନାହାତୀ ଭାବେ ଅନୁଭବ କରିଥାନ୍ତି ।

## ଭାରତ-ପାକିସ୍ତାନ ଯୁଦ୍ଧ ଦେଖି ସାରା ବିଶ୍ୱରେ ପଡ଼ିଲା ଚହଲ

ନୂଆଦିଲ୍ଲୀ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି । ପାକିସ୍ତାନ ସାରା ବିଶ୍ୱରୁ ସମର୍ଥନ ମାଗିଛି କିନ୍ତୁ କାହାଠାରୁ ସମର୍ଥନ ପାଉନାହିଁ ଏବଂ ଏପରି ପରିସ୍ଥିତିରେ ସେ ଏବେ ଭାରତ ଉପରେ ପରମାଣୁ ଆକ୍ରମଣର ଧମକ ଦେଇଛି । କିନ୍ତୁ ସାରା ବିଶ୍ୱର ଲୋକମାନେ ଉଭୟ ଦେଶକୁ ଶାନ୍ତିପୂର୍ଣ୍ଣ ଭାବରେ କଥାବାର୍ତ୍ତା କରିବାକୁ ଅନୁରୋଧ କରୁଛନ୍ତି । ଭାରତର ଅନେକ ସହର ଉପରେ ଡ୍ରୋନ ଏବଂ ମିଶାଇଲ୍ ? ଦ୍ୱାରା ଆକ୍ରମଣ କରାଯାଇଛି ଏବଂ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ସେମାନଙ୍କ ଆକ୍ରମଣକୁ ବିଫଳ କରିଛି । ପାକିସ୍ତାନର ପ୍ରବଳ ଗୁଳିମାଡ଼ ଯୋଗୁ ରାଜୌରୀ, ପୁଞ୍ଚ ଏବଂ ଜମ୍ମୁର ଅନେକ ଜିଲାରେ କ୍ଷତି ହୋଇଛି । ଜଣେ ବରିଷ୍ଠ ଅଧିକାରୀ ସମେତ ୫ ଜଣ ପ୍ରାଣ ହରାଇଛନ୍ତି । ଭାରତ ମଧ୍ୟ ପ୍ରତିଶୋଧ ନେଇ ପାକିସ୍ତାନର ଏୟାରବେସ ଧ୍ୱଂସ କରିଦେଇଥିଲା । ଭାରତ-ପାକିସ୍ତାନ ଉତ୍ତେଜନା ଉପରେ, ଉଭୟ ଦେଶର ପଡ଼ୋଶୀ ଚାଇନା ଉଭୟ ଦେଶକୁ ଶାନ୍ତିପୂର୍ଣ୍ଣ ଭାବରେ ଆଲୋଚନା କରିବାକୁ କହିଛି । ଚାଇନା ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଚାଇନା ଏହି ମାମଲା ଉପରେ ତୀକ୍ଷ୍ଣ ନଜର ରଖିଛି ଏବଂ ଉତ୍ତେଜନା ବୃଦ୍ଧି ନେଇ ଚିନ୍ତିତ । ଉଭୟ ପକ୍ଷର ଶାନ୍ତି ଏବଂ ସ୍ଥିରତା ପାଇଁ କାମ କରନ୍ତୁ । ଆମେରିକା ଏବଂ ୟୁରୋପୀୟ ଦେଶମାନଙ୍କର ଏ-୭ ଗୋଷ୍ଠୀ ବର୍ଦ୍ଧିତ ଉତ୍ତେଜନା ଉପରେ ସେମାନଙ୍କର ପ୍ରତିକ୍ରିୟା ଦେଇଛନ୍ତି । ଏ୭ ସଦସ୍ୟ କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ଯୁକ୍ତରାଜ୍ୟ, ଯୁକ୍ତରାଷ୍ଟ୍ର ଏବଂ ୟୁରୋପୀୟ ସଂଘର ପ୍ରତିନିଧିମାନେ ଉତ୍ତେଜନା ହ୍ରାସ କରିବାକୁ ଆହ୍ୱାନ ଦେଇଛନ୍ତି । ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଦୃଢ଼ ନିନ୍ଦା ଏବଂ ଉଭୟ ପକ୍ଷକୁ ସଂଯମତା ଅବଲମ୍ବନ କରିବାକୁ ଅନୁରୋଧ । ଭାରତ-ପାକିସ୍ତାନ ଉତ୍ତେଜନା ଉପରେ ଆମେରିକା ହ୍ୱାଇଟ ହାଉସର ପ୍ରେସ ସଚିବ କାରୋଲିନ ଲେଭିଟ କହିଛନ୍ତି, ଆମେ ଚାହୁଁଛୁ ଯେ ଉତ୍ତେଜନା ହ୍ରାସ ହେଉ । ରାଷ୍ଟ୍ରପତି ଟ୍ରମ୍ପ ଚାହାଁନ୍ତି ଯେ, ଉତ୍ତେଜନା ଯଥାଶୀଘ୍ର ହ୍ରାସ ହେଉ । ଦୁଇ ଦେଶ ମଧ୍ୟରେ ଉତ୍ତେଜନା ମଧ୍ୟରେ ଆମେରିକା କୌଣସି ସିଧାସଳଖ ହସ୍ତକ୍ଷେପ କରିବ ନାହିଁ ବୋଲି ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଥିଲେ । ଆରବ ବିଶ୍ୱର ପ୍ରମୁଖ ଦେଶ ସାଉଦି ଆରବ ମଧ୍ୟ ଉତ୍ତେଜନା ବୃଦ୍ଧିକୁ ନେଇ ଚିନ୍ତିତ । ସାଉଦି ଏକ ବିବୃତ୍ତିରେ କହିଛି ଯେ ଏହା ଉଭୟଙ୍କ ମଧ୍ୟରେ ଉତ୍ତେଜନା ହ୍ରାସ କରିବାକୁ ଏବଂ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ବିବାଦର ସମାଧାନ କରିବାକୁ ଚେଷ୍ଟା କରୁଛି । ବୈଦେଶିକ ମନ୍ତ୍ରୀ ଅବଦେଲ ଅଲ-ଜୁବେର ଭାରତ ଏବଂ ପାକିସ୍ତାନ ଗସ୍ତ କରିଛନ୍ତି । ଭାରତ-ପାକିସ୍ତାନ ଉତ୍ତେଜନା ଉପରେ କତାର ସଂଯମ ରହିବାକୁ ଅନୁରୋଧ କରିଛି । କତାରର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରି ଉଭୟ ଦେଶକୁ ବିବାଦୀୟ ପ୍ରସଙ୍ଗଗୁଡ଼ିକୁ ଶାନ୍ତିପୂର୍ଣ୍ଣ ଏବଂ କୂଟନୈତିକ ଉପାୟରେ ସମାଧାନ କରିବାକୁ ଅନୁରୋଧ କରିଛି । ଉତ୍ତେଜନା ମଧ୍ୟରେ ଇରାନ ମଧ୍ୟ ଉଭୟ ଦେଶ ସହିତ ଆଲୋଚନା ଜାରି ରଖିଛି । ଉତ୍ତେଜନା ମଧ୍ୟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ପ୍ରଥମେ ପାକିସ୍ତାନ ଗସ୍ତ କରିଥିଲେ ଏବଂ ପରେ ଭାରତ ଗସ୍ତ କରିଥିଲେ । ସେ ସଂଯମତା ଏବଂ ଉତ୍ତେଜନା ହ୍ରାସ କରିବାକୁ ଅନୁରୋଧ କରିଥିଲେ ।

# ଅସ୍ତ୍ରବିରତି ପରେ ବି ରକ୍ଷା ପାଇବନି ପାକିସ୍ତାନ, ହେବ ବଡ଼ ଆକ୍ସନ !



ନୂଆଦିଲ୍ଲୀ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ଜାରି ଉତ୍ତେଜନା ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଛି । ମେ ୧୦ ସଂଧ୍ୟା ୫ଟାରୁ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଯାଇଛି । ବୈଦେଶିକ ମନ୍ତ୍ରଣାଳୟ ମଧ୍ୟ ଏହାକୁ ନିଶ୍ଚିତ କରିଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଥିଲେ ମଧ୍ୟ, ଭାରତ ଦ୍ୱାରା ପାକିସ୍ତାନ ଉପରେ ଲଗାଯାଇଥିବା ପ୍ରତିବନ୍ଧକ ପ୍ରତ୍ୟାହାର କରାଯିବ ନାହିଁ । ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରିବା ଠାରୁ ଆରମ୍ଭ କରି ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ ପର୍ଯ୍ୟନ୍ତ ନିଷ୍ପତ୍ତି ବଳବତ୍ତର ରହିବ । ପାକିସ୍ତାନ ଏବେ ବି ପାଣିଠାରୁ ଆରମ୍ଭ କରି ଭିସା ପର୍ଯ୍ୟନ୍ତ ସବୁକିଛି ପାଇଁ ପ୍ରତିବନ୍ଧକ ଜାରି ରହିଛି । ଯୁଦ୍ଧରୁ ପାକିସ୍ତାନ ରକ୍ଷା ପାଇଛି । କିନ୍ତୁ ଅଡୁଆ ଏପର୍ଯ୍ୟନ୍ତ ଶେଷ ହେବ ନାହିଁ । ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ଏବଂ ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିବାର ନିଷ୍ପତ୍ତି ଏବେ ବି ବଳବତ୍ତର ରହିବ । ଆସନ୍ତୁ ଜାଣିବା ପାକିସ୍ତାନ ଉପରେ ବର୍ତ୍ତମାନ ପାଇଁ କେଉଁ ପ୍ରତିବନ୍ଧକ ଜାରି ରହିବ । ୨୨ ଏପ୍ରିଲରେ ପହଲଗାମ ଆକ୍ରମଣ ପରେ, ଭାରତ ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମା ବାତିଲ କରିଥିଲା । ପାଣି ମଧ୍ୟ ବନ୍ଦ କରିଦିଆଯାଇଛି । ଯୁଦ୍ଧବିରତି ପରେ ମଧ୍ୟ ଏହି ନିଷ୍ପତ୍ତି ବଳବତ୍ତର ରହିବ । ଏହାର ଅର୍ଥ ହେଉଛି ସିନ୍ଧୁ ଜଳ ଚୁକ୍ତିନାମାର ସ୍ଥଗିତତା ବର୍ତ୍ତମାନ ପାଇଁ ଜାରି ରହିବ । ଏହା ବ୍ୟତୀତ ପହଲଗାମ ଆକ୍ରମଣ ପରେ ଭାରତ ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିଥିଲା । ତାଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡିବାକୁ ଅଲଟିମେଟମ ଦିଆଯାଇଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ଘୋଷଣା ପରେ ମଧ୍ୟ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରିବାର ନିଷ୍ପତ୍ତି ବଳବତ୍ତର ରହିବ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ମଧ୍ୟ ବର୍ତ୍ତମାନ ପାଇଁ ବନ୍ଦ ରହିବ । ଦୁଇ ଦେଶ ମଧ୍ୟରେ ରପ୍ତାନି ଏବଂ ଆମଦାନି ଏବେ ଆରମ୍ଭ ହେବ ନାହିଁ । ସେହିପରି ପହଲଗାମ ଆକ୍ରମଣ ପରେ, ଭାରତ ଅଟାରୀ-ୱାଘା ସୀମା ଚେକପୋଷ୍ଟକୁ ବନ୍ଦ କରିଦିଆଯାଇଛି । ଯାହା ବର୍ତ୍ତମାନ ପାଇଁ ବନ୍ଦ ରହିବ । ଅସ୍ତ୍ରବିରତି ପରେ ଚେକ ପୋଷ୍ଟ ଖୋଲିବ ନାହିଁ । ଏହା ବ୍ୟତୀତ ଭାରତ ପାକିସ୍ତାନୀ ଅଧିକାରୀମାନଙ୍କୁ ଭାରତ ଛାଡିବାକୁ କହିଥିଲା । ଚୂଡ଼ାନ୍ତ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେହି ନିଷ୍ପତ୍ତି ମଧ୍ୟ ବଳବତ୍ତର ରହିବ । ଭାରତ ପାକିସ୍ତାନୀ ବିମାନ ପାଇଁ ତାର ଆକାଶ ସୀମା ବନ୍ଦ କରିଦେଇଛି । ଯୁଦ୍ଧବିରତି ଘୋଷଣା ପରେ ମଧ୍ୟ, ପାକିସ୍ତାନ ପାଇଁ ଆକାଶପଥ ବନ୍ଦ ରହିବ । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ପରେ, ଭାରତ ନିଜ ଦେଶରେ ସମସ୍ତ ପାକିସ୍ତାନୀ ଙଞ୍ଜଞ୍ଜ ବିଷୟବସ୍ତୁକୁ ନିଷେଧ କରିଥିଲା । ସେଠାକାର ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ନିଷିଦ୍ଧ କରାଯାଇଥିଲା । ଯାହା ଏବେ ବି ଜାରି ରହିବ ।

## ଭାରତ ଏବଂ ପାକ ମଧ୍ୟରେ ୬ଟି ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଲା ରେଳ ବୋର୍ଡ




ଦିଲ୍ଲୀ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ଦୃଷ୍ଟିରେ ରଖି, ଭାରତୀୟ ରେଳବାଇ ଆଜି ଦିନ କିଛି ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି । ତଥ୍ୟ ଅନୁସାରେ ରେଳ ବୋର୍ଡର ସୂଚନା ଏବଂ ପ୍ରଚାର ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ କୁମାର ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ବିଷୟରେ ସୂଚନା ଦେଇଥିଲେ । ଦିଲୀପ କୁମାର କହିଛନ୍ତି ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରଖି ସୀମାନ୍ତ ଅଞ୍ଚଳରେ ଟ୍ରେନଗୁଡ଼ିକ ପରିଚାଳିତ କରା ଯାଉଛି । ଆମେ ସ୍ୱତନ୍ତ୍ର ଟ୍ରେନ ଚଳାଇବା ଆରମ୍ଭ କରିଛୁ । ଗତକାଲି ଜମ୍ମୁ, ଉଧମପୁର ଏବଂ ଫିରୋଜପୁରରୁ ୬ଟି ଟ୍ରେନ ଚଳାଇ ଥିବା ସେ କହିଥିଲେ । ଏହାସହ ୬ଟି ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେବା କଥା ଜଣାଇଥିଲେ ଯେଉଁଥିରେ ଅମୃତସରରୁ ଛାପରା, ଚଣ୍ଡିଗଡ଼ରୁ ଲକ୍ଷ୍ନୌ, ଫିରୋଜପୁରରୁ ପାଟନା, ଉଧମପୁରରୁ ନୂଆଦିଲ୍ଲୀ ଏବଂ ଜମ୍ମୁରୁ ନୂଆଦିଲ୍ଲୀ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଅନ୍ତର୍ଭୁକ୍ତ । ଆମର ପ୍ରୟାସ ହେଉଛି ଦିନରେ ଯଥାସମ୍ଭବ ଅଧିକ ଟ୍ରେନ ଚଲାଇବା । ଆମେ ରାତିରେ ମଧ୍ୟ ଟ୍ରେନ ଚଲାଉଛୁ । ଏଥିପାଇଁ ସ୍ଥାନୀୟ ପ୍ରଶାସନ ସହିତ ଘନିଷ୍ଠ ସମନ୍ୱୟରେ ଥିବା କହିଥିଲେ ।

## କଚ୍ଛ ଆକାଶରେ ଉଡ଼ିଲା ପାକିସ୍ତାନୀ ଡ୍ରୋନ

କଚ୍ଛ : ଭାରତ-ପାକିସ୍ତାନ ଯୁଦ୍ଧବିରତି ଘୋଷଣାର କିଛି ଘଣ୍ଟା ପରେ ପାକିସ୍ତାନ ପୁଣି ଥରେ ଅସ୍ତ୍ରବିରତି ଉଲ୍ଲଘଂନ କରିଛି । ଖବ୍ରଉରେ ପାକିସ୍ତାନ ଗୁଳିଗୋଳା, ଡ୍ରୋନ ଆକ୍ରମଣ କରିଥିବା ବେଳେ ଗୁଜରାଟର କଚ୍ଛ ଆକାଶରେ ମଧ୍ୟ ଉଡ଼ିଛି ପାକିସ୍ତାନୀ ଡ୍ରୋନ । ଏନେଇ ଗୁଜରାଟ ଗୃହମନ୍ତ୍ରୀ ହର୍ଷ ସାଙ୍ଘଭି ସୂଚନା ଦେଇଛନ୍ତି । କଚ୍ଛ ଆକାଶରେ ଏକାଧିକ ଡ୍ରୋନ ଠାବ ହୋଇଥିବା ସେ କହିଛନ୍ତି । ଏନେଇ କଚ୍ଛ ସହରକୁ ସମ୍ପୂର୍ଣ୍ଣ ବ୍ଲାକ ଆଉଟ କରାଯାଇଛି ।

## ଯେ କୌଣସି ଆତଙ୍କବାଦୀ କାର୍ଯ୍ୟକୁ ଯୁଦ୍ଧ ଘୋଷଣା କରାଯିବ



ନୂଆଦିଲ୍ଲୀ : ପାକିସ୍ତାନର ବିଫଳ ଆକ୍ରମଣ ପ୍ରୟାସ ମଧ୍ୟରେ, ଭାରତ ସରକାର ଶନିବାର (୧୦ ମଇ, ୨୦୨୫) ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଭାରତ ସରକାରଙ୍କ ପକ୍ଷରୁ ପାକିସ୍ତାନକୁ ସ୍ପଷ୍ଟ ବାର୍ତ୍ତା ଦେଇ କୁହାଯାଇଛି ଯେ ଯଦି ଭାରତରେ କୌଣସି ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ ଏହାକୁ ଯୁଦ୍ଧ ବା ଆକ୍ଟ ଅଫ ୱାର (ଇମସ୍ତ କ୍ଲ ଡବସ୍ତ) ଭାବରେ ବିବେଚନା କରାଯିବ । ଶୀର୍ଷ ସରକାରୀ ସୂତ୍ର କହିଛନ୍ତି ଯେ ଭବିଷ୍ୟତରେ ଯେକୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ଭାରତ ବିରୁଦ୍ଧରେ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରାଯିବ । ଏହା ସହିତ, ଏପରି ଯେକୌଣସି କାର୍ଯ୍ୟର ଉଚିତ ଜବାବ ଦିଆଯିବ । ଭାରତୀୟ ସେନା ଶନିବାର କହିଛି ଯେ ଡ୍ରୋନ, ଦୂରଗାମୀ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧ ବିମାନ ବ୍ୟବହାର କରି ପଶ୍ଚିମ ସୀମାରେ ଥିବା ଅନ୍ୟ ଅଞ୍ଚଳ ଏବଂ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରି ବିପଦ ସୃଷ୍ଟି କରିବା ପାଇଁ ପାକିସ୍ତାନର ଉତ୍ତେଜନାମୂଳକ କାର୍ଯ୍ୟକୁ ପ୍ରଭାବଶାଳୀ ଭାବରେ ବିଫଳ କରିଛି । ଭାରତୀୟ ସେନା କହିଛି ଯେ ପାକିସ୍ତାନ ସୀମାବର୍ତ୍ତୀ ଅଞ୍ଚଳକୁ ତାର ସୈନ୍ୟଙ୍କୁ ସ୍ଥାନାନ୍ତର କରୁଛି ଯାହା ପରିସ୍ଥିତିକୁ ଆହୁରି ଖରାପ କରିବା ପାଇଁ 'ଆକ୍ରମଣାତ୍ମକ ଉଦ୍ଦେଶ୍ୟ'କୁ ସୂଚିତ କରେ । ସେନା ଆହୁରି କହିଛି ଯେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରସ୍ତୁତିରେ ଅଛି । ଏକ ବଡ଼ ସାମରିକ ସଂଘର୍ଷର ଭୟ ମଧ୍ୟରେ, ସାମରିକ ମୁଖପାତ୍ର କର୍ଣ୍ଣେଲ ସୋଫିଆ କ୍ୟୁରେଶୀ ଶୁକ୍ରବାର (୯ ମଇ, ୨୦୨୫) କହିଛନ୍ତି ଯେ ଭାରତୀୟ ସଶସ୍ତ୍ର ବାହିନୀ ଉତ୍ତେଜନା ବୃଦ୍ଧି ନ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛି, ଯଦି ପାକିସ୍ତାନୀ ସେନା ମଧ୍ୟ ସେହିପରି କରେ । ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ଏବଂ ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ସହ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଛନ୍ତି । ସୂଚନାଯୋଗ୍ୟ, ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ୨୬ ଜଣଙ୍କୁ ହତ୍ୟା ଘଟଣା ପରେ ଭାରତ ସରକାରଙ୍କ ନୀତିରେ ଏହା ଏକ ବଡ଼ ପରିବର୍ତ୍ତନ । ଏହି ଘଟଣାର ଜବାବରେ, ଭାରତୀୟ ସେନା ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀରର ନଅଟି ସ୍ଥାନରେ ବୋମା ମାଡ଼ କରିଛି । ଏଥିରେ ଶହ ଶହ ଆତଙ୍କବାଦୀ ନିହତ ହୋଇଛନ୍ତି । ଭାରତୀୟ ସେନାର ଏହି କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ହତଚକିତ ହୋଇଯାଇଛି । ସେ ବାରମ୍ବାର ଭାରତୀୟ ସାମରିକ ଘାଟି ଏବଂ ଅନ୍ୟାନ୍ୟ ସ୍ଥାନ ଉପରେ କ୍ଷେପଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ, ଭାରତର ଦୃଢ଼ ପ୍ରତିରକ୍ଷା କବଚ ସେହି ଆକ୍ରମଣଗୁଡ଼ିକୁ ପ୍ରତିହତ କରୁଛି । ସେ ନିୟନ୍ତ୍ରଣ ରେଖାରେ ମଧ୍ୟ ପ୍ରବଳ ଗୁଳିମାଡ଼ କରୁଛନ୍ତି । ତଥାପି, ଭାରତ ପାକିସ୍ତାନ ଦ୍ୱାରା କରାଯାଇଥିବା ଏହି ଆକ୍ରମଣର ଉଚିତ ଜବାବ ଦେଉଛି ।

# ଯୁଦ୍ଧ ବିରତି ଘୋଷଣାର ୩ ଘଣ୍ଟା ନ ପୁରୁଣୁ ପୁଣି ଆକ୍ରମଣ



ନୂଆଦିଲ୍ଲୀ :ସୁଧୁରୁନି ପାକିସ୍ତାନ।।।। ଯୁଦ୍ଧ ବିରତି ଘୋଷଣାର ୩ ଘଣ୍ଟା ନ ପୁରୁଣୁ ପୁଣି ଅସ୍ତ୍ର ବିରତିର ଉଲଂଘନ କରିଛି ପାକିସ୍ତାନ । ଜମ୍ମୁ କଶ୍ମୀର ର ଏକାଧିକ ସ୍ଥାନରେ କରିଛି ଗୁଳିଗୋଳା ବର୍ଷଣ । ଉଦ୍ଧାମପୁର ରେ ପାକର ଡ୍ରୋନ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଛି ଭାରତୀୟ ସେନା । ଆଖନଉ , ରଜୋରିରେ ପାକର ଗୁଳିଗୋଳା ଓ ଡ୍ରୋନ ବର୍ଷଣ । ବିଏସଏଫ ପକ୍ଷରୁ ଦିଆଯାଉଛି ମୁହଁ ତୋଡ ଜବାବ । ଜମ୍ମୁ କଶ୍ମୀର ର ଏକାଧିକ ସ୍ଥାନରେ ଗୁଳିଗୋଳା ବର୍ଷଣ ନେଇ ମୁଖ୍ୟମନ୍ତ୍ରୀ ଏକ୍ସ ରେ ଉଲ୍ଲେଖ କରିଛନ୍ତି । ଏଲଓସି ଠାରୁ ଭାରତର ପଶ୍ଚିମ ସୀମାନ୍ତରେ ଜାରି ରଖିଛି ତୁହାକୁ ତୁହା ମିସାଇଲ ଓ ଡ୍ରୋନ ମାଡ଼ । ପାକିସ୍ତାନ ଆକ୍ରମଣର କଡ଼ା ଜବାବ ରଖିଛି ଭାରତୀୟ ସେନା । ଚାରିଟି ପାକିସ୍ତାନ ଡ୍ରୋନ ମାରି ଖସାଇଛି ଭାରତୀୟ ସେନା । ବିଭିନ୍ନ ସ୍ଥାନରେ ବ୍ଲାକ ଆଉଟ ଘୋଷଣା । ଗୁଜୁରାଟର କଛ ଅଂଚଳରେ ଅନେକ ଡ୍ରୋନ ଦେଖାଯାଇଥିବାରୁ ସମ୍ପୂର୍ଣ୍ଣ ବ୍ଲାକଆଉଟ ଘୋଷଣା କରାଯାଇଥିବା କହିଲେ ଗୁଜରାଟ ଗୃହମନ୍ତ୍ରୀ । ପ୍ରକାଶଯୋଗ୍ୟ, ଭାରତ-ପାକିସ୍ତାନ ଯୁଦ୍ଧ ବିରତି ଘୋଷଣା ପରେ ଆଜି ଅପରାହ୍ଣ ୫ଟାରୁ ବନ୍ଦ ରହିଥିଲା ଯୁଦ୍ଧ । ଏ ନେଇ ସୂଚନା ଦେଇଥିଲେ ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରି । ଆଜି ଅପରାହ୍ଣ ୩ଟା ୩୫ରେ ପାକିସ୍ତାନ ଡିଜିଏମଓ, ଭାରତର ଡିଜିଏମଓଙ୍କ ସହ କଥା ହୋଇଥିଲେ । ସାମରିକ ଆକ୍ସନ ବନ୍ଦ କରିବାକୁ କଥା ହୋଇଥିଲେ ଦୁଇ ପକ୍ଷ । ଜଳ ସ୍ଥଳ କିମ୍ବା ଆକାଶ ମାର୍ଗରୁ କେହି କାହା ଉପରେ ଆକ୍ରମଣ କରିବେ ନାହିଁ । ଭାରତୀୟ ସମୟ ଅପରାହ୍ଣ ୫ଟାରୁ ଏହା ଲାଗୁ ହେଲା ବୋଲି କହିଥିଲେ । ୧୨ ତାରିଖରେ ପୁଣି ଥରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥାନ୍ତା । ହେଲେ ପାକିସ୍ତାନର ଅସ୍ତ୍ର ବିରତି ଉଲଂଘନ ପରେ ପୁଣି ଥରେ ଦୁଇ ଦେଶ ଯୁଦ୍ଧ ମୁହାଁ ହୋଇଛନ୍ତି ।


ସୁଧୁରୁନି ପାକିସ୍ତାନ । ଯୁଦ୍ଧ ବିରତି ଘୋଷଣାର ୩ ଘଣ୍ଟା ନ ପୁରୁଣୁ ପୁଣି ଅସ୍ତ୍ର ବିରତିର ଉଲଂଘନ କରିଛି ପାକିସ୍ତାନ । ଜମ୍ମୁ କଶ୍ମୀର ର ଏକାଧିକ ସ୍ଥାନରେ କରିଛି ଗୁଳିଗୋଳା ବର୍ଷଣ । ଉଦ୍ଧାମପୁର ରେ ପାକର ଡ୍ରୋନ ଆକ୍ରମଣ ଉଦ୍ୟମକୁ ପଣ୍ଡ କରିଛି ଭାରତୀୟ ସେନା । ଆଖନଉ , ରଜୋରିରେ ପାକର ଗୁଳିଗୋଳା ଓ ଡ୍ରୋନ ବର୍ଷଣ । ବିଏସଏଫ ପକ୍ଷରୁ ଦିଆଯାଉଛି ମୁହଁ ତୋଡ ଜବାବ । ଜମ୍ମୁ କଶ୍ମୀର ର ଏକାଧିକ ସ୍ଥାନରେ ଗୁଳିଗୋଳା ବର୍ଷଣ ନେଇ ମୁଖ୍ୟମନ୍ତ୍ରୀ ଏକ୍ସ ରେ ଉଲ୍ଲେଖ କରିଛନ୍ତି । ଏଲଓସି ଠାରୁ ଭାରତର ପଶ୍ଚିମ ସୀମାନ୍ତରେ ଜାରି ରଖିଛି ତୁହାକୁ ତୁହା ମିସାଇଲ ଓ ଡ୍ରୋନ ମାଡ଼ । ପାକିସ୍ତାନ ଆକ୍ରମଣର କଡ଼ା ଜବାବ ରଖିଛି ଭାରତୀୟ ସେନା । ଚାରିଟି ପାକିସ୍ତାନ ଡ୍ରୋନ ମାରି ଖସାଇଛି ଭାରତୀୟ ସେନା । ବିଭିନ୍ନ ସ୍ଥାନରେ ବ୍ଲାକ ଆଉଟ ଘୋଷଣା । ଗୁଜୁରାଟର କଛ ଅଂଚଳରେ ଅନେକ ଡ୍ରୋନ ଦେଖାଯାଇଥିବାରୁ ସମ୍ପୂର୍ଣ୍ଣ ବ୍ଲାକଆଉଟ ଘୋଷଣା କରାଯାଇଥିବା କହିଲେ ଗୁଜରାଟ ଗୃହମନ୍ତ୍ରୀ । ପ୍ରକାଶଯୋଗ୍ୟ, ଭାରତ-ପାକିସ୍ତାନ ଯୁଦ୍ଧ ବିରତି ଘୋଷଣା ପରେ ଆଜି ଅପରାହ୍ଣ ୫ଟାରୁ ବନ୍ଦ ରହିଥିଲା ଯୁଦ୍ଧ । ଏ ନେଇ ସୂଚନା ଦେଇଥିଲେ ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରି । ଆଜି ଅପରାହ୍ଣ ୩ଟା ୩୫ରେ ପାକିସ୍ତାନ ଡିଜିଏମଓ, ଭାରତର ଡିଜିଏମଓଙ୍କ ସହ କଥା ହୋଇଥିଲେ । ସାମରିକ ଆକ୍ସନ ବନ୍ଦ କରିବାକୁ କଥା ହୋଇଥିଲେ ଦୁଇ ପକ୍ଷ । ଜଳ ସ୍ଥଳ କିମ୍ବା ଆକାଶ ମାର୍ଗରୁ କେହି କାହା ଉପରେ ଆକ୍ରମଣ କରିବେ ନାହିଁ । ଭାରତୀୟ ସମୟ ଅପରାହ୍ଣ ୫ଟାରୁ ଏହା ଲାଗୁ ହେଲା ବୋଲି କହିଥିଲେ । ୧୨ ତାରିଖରେ ପୁଣି ଥରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥାନ୍ତା । ହେଲେ ପାକିସ୍ତାନର ଅସ୍ତ୍ର ବିରତି ଉଲଂଘନ ପରେ ପୁଣି ଥରେ ଦୁଇ ଦେଶ ଯୁଦ୍ଧ ମୁହାଁ ହୋଇଛନ୍ତି ।

# ଟେଷ୍ଟ କ୍ରିକେଟ୍‌କୁ ବାଏ ବାଏ ଚାହାଁନ୍ତି କୋହଲି

ନୂଆଦିଲ୍ଲୀ, ୧୦।୫: ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ, ଏବେ ତାଙ୍କ ସାଥୀ ବିରାଟ କୋହଲି ମଧ୍ୟ ଏହି ଫର୍ମାଟକୁ ବାଏ ବାଏ କହିବାକୁ ନିଷ୍ପତ୍ତି ନେଇଛନ୍ତି। ରୋହିତ ଏବଂ କୋହଲି ଟି-୨୦ ଆନ୍ତର୍ଜାତୀୟରୁ ଏକା ସାଙ୍ଗରେ ଅବସର ନେବା ପରେ, ଏବେ କୋହଲି ରୋହିତଙ୍କ ପରେ ଟେଷ୍ଟରୁ ଅବସର ଘୋଷଣା କରିପାରନ୍ତି। ସେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ(ବିସିସିଆଇ)କୁ ଜଣାଇଛନ୍ତି ଯେ, ସେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଚାହୁଁଛନ୍ତି।ତଥାପି, ଏବେ ଉଚ୍ଚ ଅଧିକାରୀମାନେ ତାଙ୍କୁ ଏହି ନିଷ୍ପତ୍ତି ବିଷୟରେ ଚିନ୍ତା କରିବାକୁ ଅନୁରୋଧ କରିଛନ୍ତି।

ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ଇଂଲଣ୍ଡ ଗସ୍ତ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ, ଏହି ଅଭିଜ୍ଞ ଖେଳାଳିଙ୍କୁ ଆଉ କ୍ରିକେଟର ଲମ୍ବା ଫର୍ମାଟରେ ଖେଳିବାର ଦେଖାଯିବ ନାହିଁ ସେ ମନ ସ୍ଥିର କରିଛନ୍ତି ଏବଂ ବୋର୍ଡକୁ ଜଣାଇ ଦେଇଛନ୍ତି ଯେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବେ। ଇଂଲଣ୍ଡର ଗୁରୁତ୍ୱପୂର୍ଣ୍ଣ ଗସ୍ତ ଆସୁଥିବାରୁ ବିସିସିଆଇ ତାଙ୍କୁ ପୁନର୍ବିଚାର କରିବାକୁ ଅନୁରୋଧ କରିଛି ସେ ଏପର୍ଯ୍ୟନ୍ତ ଅନୁରୋଧର ଜବାବ ଦେଇନାହାଁନ୍ତି।କିଛି ଦିନ ପୂର୍ବରୁ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ କୋହଲିଙ୍କ ଏହି ନିଷ୍ପତ୍ତି ଆସିଛି ଆସନ୍ତା ମାସରେ ଇଂଲଣ୍ଡରେ ହେବାକୁ ଥିବା ପାଞ୍ଚଟିକିଆ। ଟେଷ୍ଟ ସିରିଜ ପାଇଁ ଦଳ ବାଛିବା ପାଇଁ ଭାରତୀୟ ଚୟନକର୍ତ୍ତାମାନେ କିଛି ଦିନ ମଧ୍ୟରେ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି।

ଯଦି କୋହଲି ତାଙ୍କ ମନ ପରିବର୍ତ୍ତନ ନ କରନ୍ତି ଏବଂ ରୋହିତ ମଧ୍ୟ ଦଳରେ ନାହାଁନ୍ତି, ତେବେ ଭାରତର କେଏଲ ରାହୁଲ, ଶୁବମନ ଗିଲ ଏବଂ ଯଶସ୍ୱୀ ଜୟସ୍ୱାଲଙ୍କ ସହିତ ଏକ ଅନଭିଜ୍ଞ ମଧ୍ୟମ କ୍ରମ ରହିବ। ଡିସେମ୍ବର ୨୦୧୪ରେ କୋହଲି ଏବଂ ଫେବୃଆରୀ ୨୦୨୨ରେ ରୋହିତ ଭାରତର ଟେଷ୍ଟ ଅଧିନାୟକ ହୋଇଥିଲେ। ରୋହିତ ଏବଂ କୋହଲି ଟି-୨୦ ଆନ୍ତର୍ଜାତୀୟରୁ ଏକା ସାଙ୍ଗରେ ଅବସର ନେବା ପରେ, ଏବେ କୋହଲି ରୋହିତଙ୍କ ପରେ ଟେଷ୍ଟରୁ ଅବସର ଘୋଷଣା କରିପାରନ୍ତି। ଏହା ପଛରେ ୩ଟି କାରଣ ଥିବା କୁହାଯାଉଛି।



୧. ଯୁବ ଖେଳାଳିମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳିବା ଉଚିତ

୩୬ ବର୍ଷୀୟ ବିରାଟ କୋହଲି (ବିରାଟ କୋହଲି ଟେଷ୍ଟ କ୍ୟାରିୟର) ଏପର୍ଯ୍ୟନ୍ତ ୧୨୩ଟି ଟେଷ୍ଟ ମ୍ୟାଚ ଖେଳି ୯୨୩୦ ରନ କରିଛନ୍ତି, ଯେଉଁଥିରେ ସେ ୩୦ଟି ଶତକ ଏବଂ ୩୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଯୁବ ଖେଳାଳିମାନଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଚାହିଁବାରୁ କିଙ୍ଗ କୋହଲି ତାଙ୍କ ବର୍ଦ୍ଧିତ ବୟସ ହେତୁ ଟେଷ୍ଟ କ୍ରିକେଟରୁ ମଧ୍ୟ ଅବସର ନେବାକୁ ଯୋଜନା କରୁଛନ୍ତି।

୨. ଅଷ୍ଟ୍ରେଲିଆ। ବିପକ୍ଷ ସିରିଜ ଏବଂ ଟେଷ୍ଟ ଫର୍ମରେ ନିରନ୍ତର ହ୍ରାସ

ଟେଷ୍ଟ କ୍ରିକେଟରେ ବିରାଟ କୋହଲିଙ୍କ ବ୍ୟାଟ କିଛି ସମୟ ପାଇଁ ନୀରବ ରହିଛି। ଗତ ଅଷ୍ଟ୍ରେଲିଆ ଗସ୍ତ ସମୟରେ, କୋହଲିଙ୍କୁ ସମାନ ଢଙ୍ଗରେ ବାରମ୍ବାର ଆଉଟ ହେଉଥିବାର ଦେଖାଯାଇଥିଲା। ସେ ଅଫ ଷ୍ଟମ୍ପ ବାହାରକୁ ଯାଉଥିବା ବଲରେ କ୍ରମାଗତ ଭାବରେ ୱିକେଟ ପଛରେ ଆଉଟ ହେଉଥିଲେ। ସିରିଜର ପର୍ଥ ଟେଷ୍ଟରେ କୋହଲି ୧୦୦ ରନର ଅପରାଜିତ ଇନିଂସ ଖେଳିଥିଲେ ମଧ୍ୟ, ଏହା ପରେ ତାଙ୍କୁ ରନ ସ୍କୋର କରିବାକୁ ସଂଘର୍ଷ କରୁଥିବା ଦେଖାଯାଇଥିଲା।ଏହି ସିରିଜରେ ଟିମ ଇଣ୍ଡିଆ। ୧-୩ରେ ପରାଜୟର ସାମ୍ନା କରିଥିଲା।ଏହା ପୂର୍ବରୁ, ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜରେ ଭାରତକୁ ୩-୦ରେ ସଫା କରିଥିଲା, ସେତେବେଳେ ମଧ୍ୟ କିଙ୍ଗ କୋହଲି ବ୍ୟାଟରେ ବିଫଳ ହୋଇଥିଲେ ଏବଂ ତିନୋଟି ମ୍ୟାଚ ରେ ୧୦୦ ରନ ମଧ୍ୟ କରିପାରି ନଥିଲେ। ତାଙ୍କ ବ୍ୟାଟ ୧୫ ଆଭରେଜରେ ୯୩ ରନ କରିଥିଲା। ଏପରି ପରିସ୍ଥିତିରେ, ତାଙ୍କ ପ୍ରଦର୍ଶନରେ ହ୍ରାସ ଯୋଗୁ, ସେ ଟେଷ୍ଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଥାଇପାରନ୍ତି।

୨୦୧୧ରେ ଟେଷ୍ଟ ଡେବ୍ୟୁ କରିଥିବା କୋହଲି ୨୦୧୯ ପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଥିଲେ। ତାଙ୍କର ବ୍ୟାଟିଂ ହାର ୫୪ ଥିଲା, ଯେଉଁଥିରେ ସେ ୨୭ଟି ଶତକ ମାରିଥିଲେ, କିନ୍ତୁ ୨୦୨୦ ପରେ ତାଙ୍କର ଗ୍ରାଫ ତଳକୁ ଖସିବାକୁ ଲାଗିଲା। ୨୦୨୦ ମସିହାରୁ, କୋହଲି ୩୯ଟି ମ୍ୟାଚ ଖେଳି ୨୦୨୮ ରନ କରିଛନ୍ତି, ଯେଉଁଥିରେ କେବଳ ୩ଟି ଶତକ ରହିଛି।ସେହିପରି ବିରାଟଙ୍କ ବୟସ ୩୬ ବର୍ଷ ଏବଂ ଯଦି ସେ ୨୦୨୭ ବିଶ୍ୱକପ ଖେଳିବାକୁ ଚାହାଁନ୍ତି, ତେବେ ତାଙ୍କୁ ନିଜ ଫିଟନେସ ଉପରେ ଧ୍ୟାନ ଦେବାକୁ ପଡିବ। କୋହଲି ତାଙ୍କର କାର୍ଯ୍ୟଭାର ହ୍ରାସ କରିବାକୁ ଚାହୁଁଛନ୍ତି। ଯାହା ଦ୍ୱାରା ସେ ସମ୍ପୂର୍ଣ୍ଣ ଭାବରେ ୨୦୨୭ ବିଶ୍ୱକପ ଉପରେ ଧ୍ୟାନ ଦେଇପାରିବେ।

## ଆସନ୍ତା ସପ୍ତାହରେ ଖେଳା ଯାଇପାରେ ଆଇପିଏଲ୍‌ର ବାକି ମ୍ୟାଚ

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ସଂଘର୍ଷ ଉପରେ ବ୍ରେକ ଲାଗିଛି। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ଏବେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ଅବଶିଷ୍ଟ ମ୍ୟାଚ୍ ଆୟୋଜନର ବାଟ ଫିଟିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତି ଘନେଇବା କାରଣରୁ ୯ ତାରିଖରେ ଆଇପିଏଲ୍‌କୁ ସପ୍ତାହେ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା ଏବେ ଆଇପିଏଲ୍ ପୁନର୍ବାର ଆରମ୍ଭ କରିବା ନେଇ ବିସିସିଆଇ ଘୋଷଣା କରିପାରେ।

ମେ ୮ ତାରିଖ ଧର୍ମଶାଳାରେ ଆଇପିଏଲ୍‌ର ୫୮ ତମ ମ୍ୟାଚ୍ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳା ଯାଉଥିଲା। ମାତ୍ର ବ୍ଲାକଆଉଟ୍ ଏବଂ ସୀମାରେ ସ୍ଥିତି ବିଗିଡ଼ିବା କାରଣରୁ ମ୍ୟାଚ୍ ରଦ୍ଦ କରାଯାଇଥିଲା। ଏବେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବାରୁ ବିସିସିଆଇ ଶୀଘ୍ର ଗାଇଡଲାଇନ ଜାରି କରିପାରେ ଏଥିସହ ପଞ୍ଜାବ ଓ ଦିଲ୍ଲୀ ମ୍ୟାଚ୍ ସ୍ଥଗିତ ଉପରେ ମଧ୍ୟ ବିସିସିଆଇ ନିଷ୍ପତ୍ତି ନେଇପାରେ। ମ୍ୟାଚ୍ ସ୍ଥଗିତ ହେବା ସମୟରେ ପଞ୍ଜାବ ୧୦.୧ ଓଭରରେ ଏକ ୱିକେଟ୍ ହରାଇ ୧୨୨ ରନ କରିଥିଲା। ପ୍ରିୟାଂଶ ଅରର୍ଯ୍ୟ ୩୪ ବଲ୍‌ରୁ ୫ ଚୌକା ଓ ୬ ଛକା ସହ ୭୦ ରନ କରିଥିଲେ। ପ୍ରଭସିମରନ ସିଂ ୫୦ ରନ ଓ ଅଧିନାୟକ ଶ୍ରେୟସ ଆୟର ୦ ରନ କରି ଅପରାଜିତ ଥିଲେ। ଆଇପିଏଲ୍‌ରେ ଆଉ ୧୬ଟି ମ୍ୟାଚ୍ ଖେଳାଯିବା ବାକି ରହିଛି। ଏଥିରୁ ୧୨ଟି ଲିଗ୍ ମ୍ୟାଚ୍ ଏବଂ ଫାଇନାଲ୍ ସମେତ ପ୍ଲେ ଅଫ୍‌ର ୪ଟି ମ୍ୟାଚ୍ ଖେଳାଯିବ। ପ୍ରଥମ କାର୍ଯ୍ୟସୂଚୀ ଅନୁସାରେ ହାଇଦ୍ରାବାଦରେ କ୍ୱାଲିଫାୟର ଓ ଏଲିମିନେଟର ଖେଳା ଯିବାର ଥିଲା ବିସିସିଆଇ ଭାରତର ଇଂଲଣ୍ଡ ଗସ୍ତ ଓ ଇଣ୍ଟରନ୍ୟାସନାଲ କ୍ୟାଲେଣ୍ଡରକୁ ଦେଖି ଟୁର୍ଣ୍ଣାମେଣ୍ଟ ଶୀଘ୍ର ସମାପ୍ତ କରିବା ଉପରେ ବିଚାର କରିବ। ତେବେ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍ କିଛି ସହର ଭିତରେ ସୀମିତ ରଖାଯିବାର ସମ୍ଭାବନା ରହିଛି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୩ କିମ୍ବା ୪ ସହରରେ ଆୟୋଜନ କରାଯାଇପାରେ।

## କିଟ୍‌ରେ ୧୬ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ଆରମ୍ଭ

ଭୁବନେଶ୍ୱର, ୯।୫: ସର୍ବ ଭାରତୀୟ ଚେସ୍ ଫେଡେରେସନ (ଏଆଇସିଏଫ) ତତ୍ତ୍ୱାବଧାନରେ କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୧୬ତମ କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ୨୦୨୫ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ



ଉଦଘାଟନ କରି ଭାରତୀୟ ଟେନିସ୍ ତାରକା, ଅଲିମ୍ପିଆନ୍ ଏବଂ ମେଜର ଧ୍ୟାନ ଚାନ୍ଦ ଖେଳ ରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍ କହିଲେ, ଶିକ୍ଷା ଏବଂ କ୍ରୀଡ଼ା ଶିକ୍ଷା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୃଷ୍ଟିକୋଣ ଅନନ୍ୟ। କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମି ଏବଂ ତାଲିମ ଅତି ଉତ୍କୃଷ୍ଟ। ଭାରତରେ କ୍ରୀଡ଼ା କ୍ଷେତ୍ରରେ ଅଚ୍ୟୁତ ସାମନ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କ୍ରୀଡ଼ାରେ କିଟ୍ ଓ କିସ୍‌କୁ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ସେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍ ର କ୍ରୀଡ଼ାକୁ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବା ତାଙ୍କର ଦାୟିତ୍ୱ ବୋଲି ଲିଆଣ୍ଡର ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟତମ ଅତିଥି ମହାରାଷ୍ଟ୍ରର ପୁନେସ୍ଥିତ ଚେସ୍ ଇନ୍ ସ୍କୁଲ (ଫିଡେ)ର କମିଶନର ତଥା ଜିଏମ ଅଭିଜିତ କୁନ୍ତେ, ଶ୍ରୀ ସାମନ୍ତଙ୍କୁ ତାଙ୍କର ଦୃଷ୍ଟିକୋଣ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଲେ ଭାରତର ପୂର୍ବ ଭାଗରେ ଏକ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟର ଆବଶ୍ୟକତା ରହିବ ବୋଲି ୧୬ ବର୍ଷ ପୂର୍ବେ, ଅଚ୍ୟୁତ ସାମନ୍ତ ଚିନ୍ତା କରିପାରିଥିଲେ। ଏଭଳି ଅନ୍ତର୍ଜାତୀୟ ଚେସ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଏକ ସହଜ କାମ ନୁହେଁ। ମାତ୍ର ଦୀର୍ଘ ୧୫ ବର୍ଷ ଧରି ନିରନ୍ତର ଏହି ଟୁର୍ଣ୍ଣାମେଣ୍ଟ କିଟ୍‌ରେ ଆୟୋଜନ କରାଯାଇଆସୁଥିବାରୁ ଶ୍ରୀ ସମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

ଏହି ଅବସରରେ ଏଆଇସିଏଫର ପୂର୍ବତନ ଉପାଧ୍ୟକ୍ଷ ଭବେଶ ଭାଇ ପଟେଲ କହିଲେ, ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଅଧିକ ପାଣ୍ଠି, ବିପୁଳ ଭିତ୍ତିଭୂମି ସହ ଆୟୋଜକଙ୍କ ଏକ ବିଶାଳ ହୃଦୟ ରହିବା ଆବଶ୍ୟକ। ଅଚ୍ୟୁତ ସାମନ୍ତଙ୍କଠାରେ ସେଭଳି ସାହସ ଓ ଇଚ୍ଛା ଶକ୍ତି ରହିଥିବା ସେ ପ୍ରକାଶ କରିଥିଲେ। ଏପରି ଟୁର୍ଣ୍ଣାମେଣ୍ଟ ଆୟୋଜନ କେବଳ ଓଡ଼ିଶାର ନୁହେଁ ଭାରତର ମଧ୍ୟ ଗର୍ବ ବୋଲି ସେ କହିଥିଲେ।

ସଭାପତିତ୍ୱ ଭାଷଣରେ ଶ୍ରୀ ସାମନ୍ତ କହିଲେ, ଚେସରେ ଓଡ଼ିଶାକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ପାଇଁ କିଟ୍ ଓ କିସ୍‌ର ଉଲ୍ଲେଖନୀୟ ଅବଦାନ ରହିଛି। କିଟ୍ ଓ କିସ୍ ସର୍ବଦା କ୍ରୀଡ଼ା ଏବଂ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହିତ କରିଆସୁଛି। କିଟ୍ ଓ କିସ୍ ଭାରତର ଏକମାତ୍ର ଅନୁଷ୍ଠାନ ଯେଉଁଠି ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସହ ସର୍ବୋତ୍ତମ ତାଲିମ ସୁବିଧା ରହିଛି। ଆଗାମୀ ବର୍ଷରେ ଏହାର କ୍ରୀଡ଼ା ଭିତ୍ତିଭୂମିକୁ ଦ୍ୱିଗୁଣିତ କରାଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ।

୧୬ତମ କିଟ୍ ଆନ୍ତର୍ଜାତୀୟ ଚେସ୍ ମହୋତ୍ସବରେ ଭାରତ ସମେତ ୪୨ଟି ଦେଶର ଅନ୍ତର୍ଜାତୀୟ ଆର୍ବିଟର, ଅନ୍ତର୍ଜାତୀୟ ମାଷ୍ଟର ଏବଂ ଗ୍ରାଣ୍ଡମାଷ୍ଟର ସମେତ ୧୨ଶହ ଖେଳାଳି ଅଂଶଗ୍ରହଣ କରିଛନ୍ତି। କୌଣସି ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟରେ ୪୨ ଦେଶର ଖେଳାଳି ଯୋଗଦେବା ପ୍ରଥମ। ମୋଟ ପୁରସ୍କାର ରାଶି ରହିଛି ୬୦ ଲକ୍ଷ। ଏହା ଭାରତରେ କୌଣସି ଚେସ୍ ଇଭେଣ୍ଟରେ ପ୍ରଦାନ କରାଯାଇଥିବା ଦ୍ୱିତୀୟ ସର୍ବାଧିକ ପୁରସ୍କାର ରାଶି। ମୋଟ ୪୩୬ଟି ପୁରସ୍କାର ତିନୋଟି ବର୍ଗରେ ବଣ୍ଟନ କରାଯିବ। 'ଏ' ବର୍ଗରେ ମୋଟ ୩୦ଲକ୍ଷ ଟଙ୍କା, ୧୯୦୦ରୁ କମ୍ ରେଟେଡ଼୍ ଥିବା 'ବି' ବର୍ଗ ପାଇଁ ୧୫ଲକ୍ଷ ଏବଂ ୧୭୦୦ରୁ କମ୍ ରେଟେଡ଼୍ ଥିବା 'ସି' ବର୍ଗର ଖେଳାଳିଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି।

କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ତଥା ଆଇଏମ୍ ଶେଖର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଆଇସିଏଫ୍ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଚେସ୍ ଆସୋସିଏସନର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ଟଙ୍କା ଫେରାଇଲେ କାବ୍ୟା ମାରନ୍

ନୂଆଦିଲ୍ଲୀ, ୯।୫: ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ବିସିସିଆଇ ଆଇପିଏଲ୍ ୨୦୨୫କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିଛି।ଏହି ସମୟ ମଧ୍ୟରେ ହେବାକୁ ଥିବା ସମସ୍ତ ମ୍ୟାଚ୍ ସ୍ଥଗିତ ରଖାଯାଇଛି। ବୋର୍ଡର ଏହି ନିଷ୍ପତ୍ତି ପରେ ସନରାଇଜର୍ସ ହାଇଦ୍ରାବାଦ ମାଲିକ କାବ୍ୟା ମାରାନ ଏକ ବଡ଼ ପଦକ୍ଷେପ ନେଇଛନ୍ତି ସେ ଦର୍ଶକଙ୍କୁ ଟଙ୍କା ଫେରସ୍ତ କରିବାକୁ ଘୋଷଣା କରିଛନ୍ତି ତାଙ୍କ ଦଳ ମେ ୧୦ ତାରିଖରେ ହାଇଦ୍ରାବାଦରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ଥିଲା କିନ୍ତୁ ଏବେ ଟୁର୍ନାମେଣ୍ଟ ସ୍ଥଗିତ ଥିବାରୁ ଏହି ମ୍ୟାଚ୍ ହେବ ନାହିଁ ତେଣୁ ଫ୍ରାଞ୍ଚାଇଜ ଏହି ମ୍ୟାଚ୍ ପାଇଁ ଟିକେଟର ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରିବ ସେ ସୋସିଆଲ ମିଡିଆ। ମାଧ୍ୟମରେ ଏହି ସୂଚନା ଦେଇଛନ୍ତି।ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଏକ ଜରୁରୀକାଳୀନ ବୈଠକ ଡାକିଥିଲା ଏହି ସମୟ ମଧ୍ୟରେ, ସମସ୍ତ ଫ୍ରାଞ୍ଚାଇଜ ମାଲିକଙ୍କ ସହ କଥା ହେବା ପରେ, ମେ ୯ ରୁ ୧ ସପ୍ତାହ ପାଇଁ ଲିଗ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ପରେ, ୧୦ ମେ ରେ ହେବାକୁ ଥିବା ମ୍ୟାଚ୍‌ର ଟିକେଟ ପାଇଁ ଟଙ୍କା ଫେରସ୍ତ କରିବାକୁ ଘୋଷଣା କରିଛି। ଫ୍ରାଞ୍ଚାଇଜ କହିଛି, ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆଇପିଏଲ ୨୦୨୫କୁ ତୁରନ୍ତ ପ୍ରଭାବରୁ ସ୍ଥଗିତ ରଖାଯାଇଛି। ଟିକେଟ ଫେରସ୍ତ ସମ୍ପର୍କରେ ସୂଚନା ଖୁବ ଶୀଘ୍ର ଦିଆଯିବ। ଅନ୍ୟପକ୍ଷରେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଭଳି ପରିସ୍ଥିତି ଉପରେ ଫ୍ରାଞ୍ଚାଇଜ ମଧ୍ୟ ନିଜର ପ୍ରତିକ୍ରିୟା ଦେଇଛି । ଭାରତୀୟ ସେନାକୁ ସମର୍ଥନ ଦେଇ ସଲାମ କରିଛି ।ଫ୍ରାଞ୍ଚାଇଜ କହିଛି, ଆମେ ଗର୍ବରେ ଏକତା ସହିତ ଆମର ନାୟକମାନଙ୍କୁ ସମ୍ମାନ କରୁଛୁ, ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଟଳ ସମର୍ପଣକୁ ଆମେ ସଲାମ କରୁଛୁ ଜୟ ହିନ୍ଦ।

## କିପରି ଫେରସ୍ତ ପାଇବେ ଆଇପିଏଲ୍‌ର ଟିକେଟ ଟଙ୍କା ?

ନୂଆଦିଲ୍ଲୀ, ୧୦।୫: ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇବା ପରେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ପିଟିଆଇ ଅନୁଯାୟୀ, ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ)ର ଜଣେ ଶୀର୍ଷ ଅଧିକାରୀ ଏହି ନିଷ୍ପତ୍ତିକୁ ନିଶ୍ଚିତ କରି କହିଛନ୍ତି ଯେ ଖେଳାଳି ଏବଂ ପ୍ରଶଂସକଙ୍କ ସୁରକ୍ଷା ସର୍ବୋପରି ଆଇପିଏଲ୍‌ର ବାକି ୧୭ଟି ମ୍ୟାଚ୍ କେବେ ଆୟୋଜନ ହେବ। ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ଏହି ସମୟରେ ଅନେକ ପ୍ରଶଂସକ ଏହି ମ୍ୟାଚ୍‌ଗୁଡ଼ିକୁ ଉପଭୋଗ କରିବା ପାଇଁ ଟିକେଟ କିଣିଥିଲେ, କିନ୍ତୁ ମ୍ୟାଚ୍ ବାତିଲ ହେବା ପରେ, ସେମାନେ ଏବେ କିପରି ଟଙ୍କା ଫେରସ୍ତ ପାଇବେ ଏବଂ ଏଥିପାଇଁ କିପରି ଆବେଦନ କରିବେ ସେନେଇ ଚିନ୍ତିତ ଅଛନ୍ତି। ଏପରି ପରିସ୍ଥିତିରେ ଜାଣି ରଖନ୍ତୁ ସମ୍ପୂର୍ଣ୍ଣ ପ୍ରକ୍ରିୟା।




ଆଇପିଏଲ ୨୦୨୫ର ଶେଷ ମ୍ୟାଚ୍ ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଷ୍ଟାଡିୟମରେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଉଥିଲା, କିନ୍ତୁ ଯାନ୍ତ୍ରିକ ସମସ୍ୟା ଦର୍ଶାଇ ମ୍ୟାଚ ଅଧାରୁ ବନ୍ଦ କରିଦିଆଯାଇଥିଲା। ପ୍ରଶଂସକମାନଙ୍କୁ ମଧ୍ୟ ଷ୍ଟାଡିୟମରୁ ବାହାରକୁ ପଠାଯାଇଥିଲା। ଏହା ପରେ ପରଦିନ ବିସିସିଆଇ ଆଇପିଏଲକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା।

**କଣ କୁହେ ରିଫଣ୍ଡ ନିୟମ ?**

ଇଣ୍ଡିଆନ ପ୍ରିମିୟର ଲିଗ ନିୟମ ଅନୁଯାୟୀ, ଯଦି ମ୍ୟାଚ ବାତିଲ କିମ୍ବା ସ୍ଥଗିତ ରଖାଯାଏ ଏବଂ ସେହି ଦିନ ଷ୍ଟାଡିୟମରେ କୌଣସି ମ୍ୟାଚ୍‌ରେ ଗୋଟିଏ ବି ବଲ ପକାଯାଏ ନାହିଁ। ତେବେ ମ୍ୟାଚ ଟିକେଟ ଫେରସ୍ତ କରାଯାଇପାରିବ ଅନ୍ୟ କୌଣସି ପରିସ୍ଥିତିରେ ମ୍ୟାଚ ପୁଣି ହେବାର କୌଣସି ସମ୍ଭାବନା ନ ଥାଏ ଏହାର ଅର୍ଥ ହେଉଛି। ଯଦି ମ୍ୟାଚ୍ ସମୟରେ ବର୍ଷା ହୁଏ କିମ୍ବା ସୁରକ୍ଷା କାରଣରୁ ମ୍ୟାଚ ବନ୍ଦ ହୋଇଯାଏ, ତେବେ ଟିକେଟ ଟଙ୍କା ଫେରସ୍ତ ମିଳେନାହିଁ ଏହା ସତ୍ତ୍ୱେ ଯଦି ଆୟୋଜକ ଫ୍ରାଞ୍ଚାଇଜ କିମ୍ବା କ୍ରିକେଟ ସଂଘ ଚାହାନ୍ତି ତେବେ ସେମାନେ ଟଙ୍କା ଫେରସ୍ତ କରିପାରିବେ ପୂର୍ବରୁ ଏଭଳି ମଧ୍ୟ ଦେଖାଯାଇଛି।

କିପରି ଫେରସ୍ତ ପାଇବେ ?


ଯଦି ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୫ରେ କୌଣସି ମ୍ୟାଚ୍ ଖେଳାଯାଇପାରେ ନାହିଁ, ତେବେ ଏଥିପାଇଁ ଟଙ୍କା ଫେରସ୍ତ ପାଇବା ପ୍ରକ୍ରିୟା କଷ୍ଟକର ନୁହେଁ। ରିପୋର୍ଟ ଅନୁସାରେ ଯଦି ଆପଣ ଅନଲାଇନରେ ଟିକେଟ କିଣିଛନ୍ତି ତେବେ ଆପଣଙ୍କୁ ଏହାର ଟଙ୍କା ଫେରସ୍ତ ମିଳିବ। ଯଦି ଆପଣଙ୍କୁ ନ ମିଳେ ତେବେ ଆପଣ ଟିକେଟ, ପରିଚୟ ପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦାଖଲ କରି ଏଥିପାଇଁ ଆବେଦନ କରିପାରିବେ। ଯଦି ଆପଣ କାଉଣ୍ଟରରୁ ଟିକେଟ କିଣିଛନ୍ତି, ତେବେ ନିର୍ଦ୍ଧାରିତ ସମୟରେ କାଉଣ୍ଟରକୁ ଯାଇ ଟିକେଟ ଦେଖାଇଲେ ଆପଣ ଟଙ୍କା ଫେରସ୍ତ ପାଇବେ।

## ସଚିନଙ୍କୁ ସନ୍ନ୍ୟାସ ନେବାରୁ ରୋକିଥିଲା ଗୋଟିଏ ଫୋନ୍ କଲ୍ ?

ନୂଆଦିଲ୍ଲୀ, ୧୦।୫: ରୋହିତ ଶର୍ମାଙ୍କ ପରେ ଟିମ ଇଣ୍ଡିଆର ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଇପାରନ୍ତ। ଏହି ଖବର ସାମ୍ନାକୁ ଆସିବା ପରେ କ୍ରିକେଟ

### କୋହଲିଙ୍କ ଟେଷ୍ଟରୁ ଅବସର ଚର୍ଚ୍ଚା

ଜଗତରେ ହଇଚଇ ସୃଷ୍ଟି ହୋଇଛି। ଯଦିଓ ବିରାଟ କୋହଲି ଏପର୍ଯ୍ୟନ୍ତ ଏହାକୁ ନିଶ୍ଚିତ କରିନାହାନ୍ତି, କିନ୍ତୁ ଅନୁମାନ କରାଯାଉଛି ଯେ ରୋହିତଙ୍କ ପରେ ସେ ମଧ୍ୟ ଟେଷ୍ଟରୁ ଅବସର ନେଇପାରନ୍ତି। ଫଳରେ କ୍ରିକେଟ ପ୍ରେମୀଙ୍କ ବ୍ୟତୀତ ବିସିସିଆଇକୁ ମଧ୍ୟ ଝଟ୍‌କା ଲାଗିଛି।ସମସ୍ତେ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ୨୦୦୭ ମସିହାରେ ସଚିନ ତେନ୍ଦୁଲକର ଯେତେବେଳେ ଅବସର ନେବାକୁ ନିଷ୍ପତ୍ତି ନେଇଥିଲେ, ତାଙ୍କ ସହିତ ମଧ୍ୟ ସମାନ କିଛି ଘଟିଥିଲା। ତାପରେ ଏକ ଫୋନ କଲ ସଚିନଙ୍କୁ ତାଙ୍କର ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ କରିଥିଲା ବିରାଟ କୋହଲିଙ୍କ ସହିତ ମଧ୍ୟ କିଛି ସମାନ ଘଟିପାରେ ବୋଲି ଚର୍ଚ୍ଚା ଜୋର ଧରିଛି।



୨୦୦୭ ବିଶ୍ୱକପରେ ଟିମ ଇଣ୍ଡିଆର ଶୋଚନୀୟ ପରାଜୟ ପରେ ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ବହୁତ ଦୁଃଖିତ ହୋଇଯାଇଥିଲେ। ସେ କ୍ରିକେଟରୁ ଅବସର ନେବାକୁ ସ୍ଥିର କରିସାରିଥିଲେ। ସଚିନ ତାଙ୍କ ଆତ୍ମଜୀବନୀ ପ୍ଲେଇଂ ଇଟ ମାଇ ୱେରେ ଏହା ପ୍ରକାଶ କରିଛନ୍ତି। ସେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ବିଶ୍ୱକପରେ ପରାଜୟ ପରେ, ମୁଁ ବହୁତ ଦୁଃଖିତ ଥିଲି ଏବଂ କ୍ରିକେଟରୁ ଅବସର ନେବାକୁ ଯାଉଥିଲି, କିନ୍ତୁ ଜଣେ ବ୍ୟକ୍ତି ମୋତେ ଏପରି କରିବାରୁ ବାଧା ଦେଇଥିଲେ। ସେହି ସମୟରେ ମାଷ୍ଟର ବ୍ଲାଷ୍ଟରଙ୍କୁ ଅବସର ନେବାରୁ ବାଧା ଦେଇଥିବା ବ୍ୟକ୍ତି ଆଉ କେହି ନୁହଁନ୍ତି ବରଂ ମହାନ ୱେଷ୍ଟଇଣ୍ଡିଜ ଖେଳାଳି ସାର୍ ଭିଭିଆନ ରିଚାର୍ଡସ ଥିଲେ।

ସଚିନ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ଭିଭିଆନ ରିଚାର୍ଡସ ମୋତେ ୱେଷ୍ଟଇଣ୍ଡିଜରୁ ଫୋନ କରିଥିଲେ ଏବଂ ଆମେ ପ୍ରାୟ ୪୫ ମିନିଟ କଥା ହୋଇଥିଲୁ। ସେ କହିଥିଲେ ଯେ ମୋ ଭିତରେ ବହୁତ କ୍ରିକେଟ ବାକି ଅଛି। ତେଣୁ ମୁଁ କ୍ରିକେଟ ଛାଡ଼ିବା ବିଷୟରେ ଚିନ୍ତା ମଧ୍ୟ କରିବା ଉଚିତ ନୁହେଁ। ଏହା ପରେ ସଚିନ ତାଙ୍କ ନିଷ୍ପତ୍ତି ପରିବର୍ତ୍ତନ କଲେ। ୨୦୦୮ ପ୍ରାରମ୍ଭରେ ସିଡନୀରେ ଶତକ ହାସଲ କରି ଭିଭିଆନ ରିଚାର୍ଡସଙ୍କୁ ଧନ୍ୟବାଦ ଦେଲେ। ସଚିନ ଭିଭିଆନ ରିଚାର୍ଡସଙ୍କୁ ତାଙ୍କର ଆଦର୍ଶ ବୋଲି ମାନିଥାନ୍ତି। ଏହା ପରେ, ଟିମ ଇଣ୍ଡିଆ। ୨୦୧୧ ବିଶ୍ୱକପ ଜିତିଥିଲା, ଯେଉଁଥିରେ ସଚିନ ତେନ୍ଦୁଲକର ଚମତ୍କାର ପ୍ରଦର୍ଶନ କରିଥିଲେ ଅବସର ନିଷ୍ପତ୍ତି ପରିବର୍ତ୍ତନ କରିବା ପରେ, ମହାନ ବ୍ୟାଟସମ୍ୟାନ ସଚିନ ଅନ୍ତର୍ଜାତୀୟ କ୍ରିକେଟରେ ୨୪ ଶତକ ଏବଂ ୮୮୩୨ ରନ କରିଥିଲେ ଏହା ବ୍ୟତୀତ ସେ ୧୦୦ତମ ଶତକର ରେକର୍ଡ ମଧ୍ୟ ପୂରଣ କରିଥିଲେ ।ଏବେ ପ୍ରଶ୍ନ ଉଠୁଛି ଯେ ବିରାଟ କୋହଲିଙ୍କ ସହିତ ମଧ୍ୟ ଏପରି କିଛି ଘଟିପାରେ କି ?

**କୋହଲିଙ୍କୁ କିଏ ଅଟକାଇ ପାରିବ ?**

ଯଦି ବିରାଟ କୋହଲିଙ୍କ ଟେଷ୍ଟ କ୍ରିକେଟରୁ ଅବସର ଖବର ସତ୍ୟ, ତେବେ କିଏ ଅଛି ଯିଏ ବିରାଟ କୋହଲିଙ୍କୁ ବୁଝାଇ ପାରିବ ? ଏଠାରେ ଏହା ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ ବିରାଟ କୋହଲି ସଚିନ ତେନ୍ଦୁଲକରଙ୍କୁ ନିଜର ଆଦର୍ଶ ବୋଲି ମାନିଥାନ୍ତି। ଏପରି ପରିସ୍ଥିତିରେ ଯଦି ସଚିନ ତେନ୍ଦୁଲକର ବିରାଟ କୋହଲିଙ୍କୁ ବୁଝାଇ ଦିଅନ୍ତି, ତେବେ ବିରାଟ କୋହଲି ତାଙ୍କ ନିଷ୍ପତ୍ତି ବଦଳାଇ ପାରନ୍ତି। ଏହା ସମ୍ଭବ ହୋଇପାରେ, କିନ୍ତୁ ତାହା କେବଳ ସମୟ କହିବ।

## ଧର୍ମଶାଳାରୁ ଦିଲ୍ଲୀ ପହଞ୍ଚିଲେ ଆଇପିଏଲ ଖେଳାଳି

### ସ୍ୱତନ୍ତ୍ର ଟ୍ରେନରେ ମଧ୍ୟ ଆସିଲେ ପ୍ରୀତି ଜିଣ୍ଟା

ନୂଆଦିଲ୍ଲୀ, ୧୦।୫: ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଦିଲ୍ଲୀରେ ପହଞ୍ଚିଲେ ଆଇପିଏଲ ଖେଳାଳି ପଞ୍ଜାବ କିଙ୍ଗସ ମାଲିକାଣୀ ପ୍ରିତୀ ଜିଣ୍ଟା ମଧ୍ୟ ସମାନ ଟ୍ରେନରେ ଘରେ ପହଞ୍ଚିଛନ୍ତି । ଗତକାଲି ଧର୍ମଶାଳାରେ ପଞ୍ଜାବ କିଙ୍ଗାସ ଓ ଦିଲ୍ଲୀ କ୍ୟାପିଟାଲ୍ସର



ମଧ୍ୟରେ ୫୮ତମ ମ୍ୟାଚ୍ ଖେଳାଯାଉଥିଲା। ୧୦.୧ ଓଭରରେ ପଞ୍ଜାବ ଗୋଟିଏ ୱିକେଟ୍ ହରାଇ ୧୨୨ ରନ୍ ସଂଗ୍ରହ କରିଥିଲା ହେଲେ ବୈଷୟିକ ତ୍ରୁଟି ଯୋଗୁ ମ୍ୟାଚକୁ ଅଧାରୁ ବାତିଲ୍ କରାଯାଇଥିଲା। ଖେଳାଳି ମାନଙ୍କୁ ଦିଲ୍ଲୀ ଆଣିବା ପାଇଁ ଜମ୍ମୁ ଓ ଚଣ୍ଡିଗଡ଼କୁ ବିମାନ ସେବା ବନ୍ଦ ଥିବାରୁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଥିଲା ।ତେବେ ଆଜି ସଂଧ୍ୟାରେ ସମସ୍ତ ଖେଳାଳି ରାଜଧାନୀ ଦିଲ୍ଲୀରେ ପହଞ୍ଚିଛନ୍ତି ।

ସୂଚନା ଅନୁଯାୟୀ, ଖେଳାଳି ଓ ଅନ୍ୟ ଷ୍ଟାଫଙ୍କ ପାଇଁ ଦୁଇ ସ୍ୱାତନ୍ତ୍ର କୋଚ୍ ବ୍ୟବସ୍ଥା କରାଯାଇଥିଲା । ସମସ୍ତ ଖେଳାଳି ସେମାନଙ୍କ ପରିବାର ସହିତ ଏବଂ ଆଇପିଏଲ ସହିତ ଜଡ଼ିତ ଅଧିକାରୀ ଓ ପଞ୍ଜାବ କିଙ୍ଗସର ଓନର ପ୍ରୀତି ଜିଣ୍ଟା ମଧ୍ୟ ବିଶେଷ ଟ୍ରେନରେ ଦିଲ୍ଲୀର ସଫଦରଗଞ୍ଜ ରେଳ ଷ୍ଟେସନରେ ରାତି ୯ଟାରେ ପହଞ୍ଚିଛନ୍ତି। ପଞ୍ଜାବ କିଙ୍ଗସର ଅଧିନାୟକ ଶ୍ରେୟସ ଆୟର, ଯୁଜବନ୍ଦ୍ର ଚହଲ, ମାର୍କୋ ୟାନସନ, ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଅକ୍ଷର ପଟେଲ, କେଏଲ ରାହୁଲ, ଫାଫ୍ ଡୁ ପ୍ଲେସିସ୍ ଆଦି ବଡ଼ ବଡ଼ି ଖେଳାଳି ମାନେ ଦିଲ୍ଲୀର ବିଭିନ୍ନ ହୋଟେଲରେ ପହଞ୍ଚିଛନ୍ତି ।

ଉତ୍ତର ରେଳ ବିଭାଗ ସିପିଆରଓ ହିମାଂଶୁ ଶେଖର ଉପାଧ୍ୟାୟ କହିଛନ୍ତି, ଜମ୍ମୁ ଓ ଚଣ୍ଡିଗଡ଼ ଏୟାରପୋର୍ଟ ବନ୍ଦ ଥିବାରୁ ଅନେକ ଯାତ୍ରୀ ଫସି ରହିଛନ୍ତି। ଏପରି ସ୍ଥିତିରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିର୍ଦ୍ଦେଶ କ୍ରମେ ଜମ୍ମୁ, ଉଦ୍ଦମପୁର ଓ କଟରାରୁ ଦିଲ୍ଲୀ ଓ ନୂଆଦିଲ୍ଲୀକୁ ପାଞ୍ଚ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ